# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ▶ ଶ୍ରୀଅନ୍ନ ଅଭିଯାନରେ ଖାଦ୍ୟମେଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ

ବାରିପଦା, ୧୦।୧୧(ସମିସ)




ରାଜ୍ୟ ସରକାର ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ରୂପେ ଘୋଷଣା ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯାଳୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମିଲେଟ ବର୍ଷ ଏବଂ ମାଣ୍ଡିଆ ଦିବସ ୨୦୨୪ ପାଳନ କରାଯାଇଛି। ଏଥିସହି ରାଜ୍ୟ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଖାଦ୍ୟମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ।

ଏହି ଯୋଜନା ଆନୁକୂଲ୍ୟରେ କ୍ଷେତ୍ର ପ୍ରଦର୍ଶନୀ ଅନ୍ତର୍ଗତ ମିଲେଟ୍ ଚାଷୀଙ୍କୁ ହେକ୍ଟରକୁ ପ୍ରଥମ ବର୍ଷରେ ୧୦, ୦୦୦ ଟଙ୍କା, ଦ୍ୱିତୀୟ ବର୍ଷରେ ୭, ୫୦୦ ଟଙ୍କା, ତୃତୀୟ ବର୍ଷରେ ୫, ୦୦୦ ଟଙ୍କା ଏବଂ ଚତୁର୍ଥ ଓ ପଞ୍ଚମ ବର୍ଷରେ ୨, ୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ଏହି ଯୋଜନାରେ ଫସଲ ବିବିଧିକରଣ, ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ଓ ଥ୍ରେସର ଚୋପଛଡ଼ା ଯନ୍ତ୍ର, କଷ୍ଟମ ହାଇୟାରିଂ ସେଣ୍ଟର୍, ଗୋଷ୍ଠୀ ପରିଚାଳିତ ବିହନ କେନ୍ଦ୍ର, ଜୈବ ସାମଗ୍ରୀ ପ୍ରସ୍ତୁତି ଏବଂ ମିଲେଟର ବିପଣନ ପାଇଁ ଏମ୍-ପିଏସ୍ ପଦ୍ଧତି ଏବଂ ରପ୍ତାନି ଇତ୍ୟାଦି ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଶ୍ୱ ସ୍ତରରେ ପୁଷ୍ଟି ଶସ୍ୟ ଓ ଶ୍ରୀ ଅନ୍ନର ପୁନରୁଦ୍ଧାର କରାଯାଇ ଏହାକୁ ପ୍ରତ୍ୟେକ ଖାଦ୍ୟ ଥାଳିରେ ସାମିଲ କରିବା ଦ୍ୱାରା ଏହାର ପୃଷ୍ଟି ପୋଷକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରରେ ଶ୍ରୀ ଅନ୍ନ ଓ ଖାଦ୍ୟ ମେଳା ଆୟୋଜିତ ହେଉଛି।

ପ୍ରାରମ୍ଭରେ ଜିଲ୍ଲା କୃଷି ଅଧିକାରୀ ସିଦ୍ଧାର୍ଥ ଶଙ୍କର ବେହୁରା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୪ ଜଣ ଚାଷୀ ଓ ଏସଏଚଜି ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ କୁଇଜ୍, ରୋଷେଇ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ମାଣ୍ଡିଆରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଓ ଶ୍ରୀଅନ୍ନ ଶସ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ପରେ ଅତିଥିମାନେ ଜିଲ୍ଲାସ୍ତରୀୟ ଖାଦ୍ୟମେଳା ଓ ପ୍ରଦର୍ଶନୀ ବୁଲି ଦେଖିଥିଲେ। କୃଷି ଉପନିର୍ଦ୍ଦେଶିକା ସୁଶ୍ରୀ ମଧୁସ୍ମିତା ଜେନା ସଭା ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ତଥା ସଂଯୋଜକ ସୁଧାଂଶୁ ଶେଖର ପଣ୍ଡା ସହଯୋଗ କରିଥିଲେ। ମିଲେଟ ଉପରେ ପର୍ଯ୍ୟବେକ୍ଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ମିଲେଟ ଚାଷୀ, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦେଉଳସାହି ଜଗଦ୍ଧାତ୍ରୀ ପୂଜାର କଳସ ଶୋଭାଯାତ୍ରା



ବାରିପଦା, ୧୦।୧୧ (ସମିସ): ଦେଉଳସାହିସ୍ଥିତ ଜଗଦ୍ଧାତ୍ରୀ ପୂଜାର ୧୦୮ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ବାରିପଦା ସହରରେ ଉକ୍ତ ପୂଜା ୮୪ବର୍ଷରେ ପଦାର୍ପଣ କରିଛି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ପୂଜା ହେବାକୁ ଥିବା ବେଳେ ଅଁଳା ନବମୀ ଅବସରରେ ରବିବାର ଘଟ ଉତ୍ତୋଳନ ପୂର୍ବକ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ରବିବାର ଅପରାହ୍ନରେ ବୁଢାରାଉଳ ମଠ ନିକଟସ୍ଥ ଘାଟରୁ ୧୦୮ ଘଟ କଳସ ଯାତ୍ରା ମଣ୍ଡପକୁ ଆସି ପୂଜା ଆରମ୍ଭ ହୋଇଛି। ଉକ୍ତ ପୂଜା ମୂର୍ତ୍ତି ନିଆରା ଅଟେ। କଟକ ମୂର୍ତ୍ତି କାରିଗର ଆସି ପରି ୫ଲକ୍ଷ ଟଙ୍କା ରୁପା ଓ ଚାନ୍ଦି ଅଳଙ୍କାରରେ ଭୂଷିତ ମୂର୍ତ୍ତି ତିଆରି କରିଛନ୍ତି। ଯାହାକି ଅତି ଆକର୍ଷଣୀୟ ଅଟେ। ପ୍ରାୟ ସପ୍ତାହ ଧରି ପୂଜାକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ କମିଟି ପକ୍ଷରୁ ପ୍ରଥମ ୩ ଦିନ କଟକ ଓ ମୟୂରଭଞ୍ଜ ଜିଲ୍ଲାର ପାଲା ଗାୟକଙ୍କୁ ନେଇ ଗାଆଣ ଅନୁଷ୍ଠିତ ହେବ। ଏଥିସହ କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ଦାଣ୍ଡରେ ରଙ୍ଗୋଲି ଓ ମୁରଜ ପ୍ରତିଯୋଗିତା ହେବ। ନଭେମ୍ବର ୧୪ ତାରିଖରେ ଓଡ଼ିଆ ସଂସ୍କୃତିର ପ୍ରତୀକ ବଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ସଂଘର ସଭାପତି ଗଣେଶ୍ୱର ରଣା, ଉପସଭାପତି ବନବିହାରୀ ମର୍ଦ୍ଦରାଜ, ସମ୍ପାଦକ ଶିବୁ ରଣା, ସହସମ୍ପାଦକ ଜ୍ୟୋତି ପ୍ରସାଦ ପାତ୍ର ଓ କୋଷାଧ୍ୟକ୍ଷ ଜୟଚନ୍ଦ୍ର ଦାସ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରୁଛନ୍ତି।

# ମିଲନଦେବୀ ଶିଶୁମନ୍ଦିର ଗୁହାଳଡିହାର ବାର୍ଷିକକ୍ରୀଡ଼ା




ଶୁଳିଆପଦା, ୧୦।୧୧(ସମିସ): ଶୁଳିଆପଦା ବ୍ଲକ ମିଲନଦେବୀ ଶିଶୁ ମନ୍ଦିର ଗୁହାଳଡିହାର ୧୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ରାଇମଣି ସିଂ ଯୋଗ ଦେଇଥିଲେ। ଉଦଯାପନୀରେ ବାଘଡାର ରଣଜିତ୍ ଧୀର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାସବିହାରି ସି ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଶତ୍ରୁଜିତ କାମିଲା ପିଲାମାନଙ୍କୁ ସମୟାନୁବର୍ତ୍ତୀ ହେବାକୁ ପ୍ରେରଣା ଦେଇଥିଲେ। ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମିତାଲି ରଣାଙ୍କ ସମେତ ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା, କର୍ମଚାରୀ ସହଯୋଗ କରିଥିଲେ।

# ସ୍ନାତକୋତ୍ତର ଶିକ୍ଷା ବିଭାଗର ଆଲୋଚନାଚକ୍ର

ବାରିପଦା, ୧୦।୧୧(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ପକ୍ଷରୁ ଗବେଷଣା ବିକାଶ ଏବଂ ସମୀକ୍ଷା ଆଧାରିତ ସନ୍ଦର୍ଭ ସମ୍ପର୍କିତ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକା ସିଂହଙ୍କ ନେତୃତ୍ୱରେ ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ଡ. ଧନେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ବିଭାଗର ଅଧ୍ୟାପିକା ସୋନାଲି ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ କେନ୍ଦୁଝରସ୍ଥିତ ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ ମହାବିଦ୍ୟାଳୟ, ଫକିରପୁରର ସହକାରୀ ପ୍ରଫେସର ଡ. ପ୍ରଭାତ କୁମାର ସାହୁ ଯୋଗ ଦେଇଥିଲେ। ବିଭାଗର ଅଧ୍ୟାପକ ଗୌରହରି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ମନ୍ଦିରରେ ଅଖଣ୍ଡ ଭଜନ



ରାଇରଙ୍ଗପୁର, ୧୦।୧୧(ସମିସ): ସତ୍ୟସାଇ ସେବା ସମିତି ତରଫରୁ ନଭେମ୍ବର ଦ୍ୱିତୀୟ ଶନିବାର ସନ୍ଧ୍ୟା ୬ରୁ ରବିବାର ସନ୍ଧ୍ୟା ୬ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଅଖଣ୍ଡ ଭଜନ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁରରେ ସେବା ସିମିତି ପକ୍ଷରୁ ଭାଇଭଉଣୀମାନେ ସମବେତ ହୋଇ ଉକ୍ତ ଭଜନକୁ ପରିଚାଳନା କରିଥିଲେ। ରବୀନ୍ଦ୍ରନାଥ ଜେନା, ହିମାଂଶୁ ଶେଖର ବଳ, ଅଶୋକରାମ ପ୍ରଜାପତି, ଅନୀଲ କୁମାର ସି, ଦେବବ୍ରତ ମହାନ୍ତି, ଜଗନ୍ନାଥ ପ୍ରସାଦ ସେଠୀ, ବଳରାମ ପାତ୍ର, ସତୀଶଚନ୍ଦ୍ର ବାରିକ, ଧରଣୀଧର ମିଶ୍ର, ଭାରତୀ ଦାଶ ପ୍ରମୁଖ ଅଖଣ୍ଡ ସାଇ ଭଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ୪ ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ ବନ୍ଦ ଦାବି

# ଜାତୀୟ ଶିକ୍ଷାନୀତି ପ୍ରତ୍ୟାଖ୍ୟାନ ପାଇଁ ଏଆଇଡିଏସ୍‌ଓର ଆହ୍ୱାନ

ବାରିପଦା, ୧୦।୧୧(ସମିସ): ଗତକାଲି ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷାନୀତି-୨୦୨୦ ଓଡ଼ିଶାର ଲାଗୁ ହେବ କହି ରାଜ୍ୟରେ ୪ ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ ସହ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା ଲାଗୁ ହେବ ବୋଲି ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ତୁରନ୍ତ ଏହି ନୀତିକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି। ରାଜ୍ୟ ସରକାର କୌଣସି ଆଲୋଚନା ନକରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ ଚଳିତ ଶିକ୍ଷାବର୍ଷ ମଝିରେ ୪ ବର୍ଷିଆ ଡିଗ୍ରୀ କୋର୍ସ ଲାଗୁ କରୁଥିବାରୁ ଏହାର ସମାଲୋଚନା କରାଯାଇଛି। ଛାତ୍ରଛାତ୍ରୀ ପାଠପଢ଼ା ଭିତରେ ଏହିଭଳି ଅତ୍ୟନ୍ତ ଜଟିଳ ଏବଂ ଦିଗହରା ଢାଞ୍ଚାକୁ ତୀବ୍ର ବିରୋଧ କରିଛି ସଂଗଠନ। ପ୍ରଥମତଃ ଛାତ୍ରଛାତ୍ରୀମାନେ ୩ ବର୍ଷ ବଦଳରେ ୪ ବର୍ଷ ପାଠ ପଢ଼ିବେ କାହିଁକି ? ଗୋଟେ ବର୍ଷ ଅଧିକ ପାଠ ପଢ଼ିବା ପାଇଁ ଆର୍ଥିକ ଦାୟିତ୍ୱ ବହନ କରିବ କିଏ? ଦ୍ୱିତୀୟତଃ ଗୋଟିଏ ଶ୍ରେଣୀ ପାଠପଢ଼ା ପାଇଁ ସାତ ପ୍ରକାର ପ୍ରସ୍ଥାନ ଦ୍ୱାରର ଆବଶ୍ୟକତା କ'ଣ? ଯଦି କେହି ପ୍ରଥମ ବର୍ଷ ବା ଦ୍ୱିତୀୟ ବର୍ଷ ପାଠ ଅଧାରୁ ଛାଡି ତଥାକଥିତ ସାର୍ଟିଫିକେଟ୍ ବା ଡିପ୍ଲୋମା ବା ଡିଗ୍ରୀ ସହ ବାହାରିଯିବ ସେ ତାର ୭ ବର୍ଷ ମଧ୍ୟରେ ୩ବର୍ଷିଆ ବା ୪ବର୍ଷିଆ ସ୍ନାତକ ଡିଗ୍ରୀ ସମ୍ପୂର୍ଣ୍ଣ କରିପାରିବ। ଗୋଟିଏ ପିଲା କାହିଁକି ନିଜ ମୂଲ୍ୟବାନ ସମୟ ନଷ୍ଟ କରି ପ୍ରଥମ ବର୍ଷ ବା ଦ୍ୱିତୀୟ ବର୍ଷ ପାଠ ଛାଡିଦେବ ପୁଣି ଫେରିଆସି ସେହି ପାଠ୍ୟକ୍ରମରେ ଯୋଗ ଦେବ ? ମଝିରେ ପାଠ ଛାଡ଼ିବାକୁ ଏକ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥାର ରୂପ ଦେଇ ଉଚ୍ଚଶିକ୍ଷାରେ ଡ୍ରପ୍‌ଆଉଟ୍‌କୁ ସରକାର ବୈଧ ଘୋଷଣା କରିଛନ୍ତି। ତୃତୀୟତଃ ଏହି ଶିକ୍ଷା ଖସଡା ପୁଣି କହୁଛି, ଯଦି କେହି ଛାତ୍ର ଚାହିଁବେ ତେବେ କୌଣସି ବିଶେଷ ପେପର ବା ବିଷୟ ନିଜ କଲେଜ ବା ବିଶ୍ୱବିଦ୍ୟାଳୟକୁ ବାଦ ଦେଇ ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରୁ କରିପାରିବେ ନଚେତ୍ କୌଣସି ଅନଲାଇନ କୋର୍ସରୁ ମଧ୍ୟ କରିପାରିବେ। ପଦାର୍ଥ ବିଜ୍ଞାନ ବା ଗଣିତରେ ଅନର୍ସ କରୁଥିବା ପିଲାଟି ଶାସ୍ତ୍ରୀୟ ସଙ୍ଗୀତ ବା ସମାଜ ବିଜ୍ଞାନ ମାଇନର ବା ଇଲେକ୍ଟିଭ ବା ସହଯୋଗୀ ବିଷୟ ଭାବରେ ନେଇପାରିବେ। ଏହା ଦ୍ୱାରା କୌଣସି ବିଷୟରେ ସାମଗ୍ରିକ ଜ୍ଞାନ ଗଢ଼ି ଉଠିବ ନାହିଁ। ପାଠପଢ଼ା ସମ୍ପୂର୍ଣ୍ଣ ଧ୍ୱଂସ ହେବ। ମୁଖ୍ୟମନ୍ତ୍ରୀ ଡିଗ୍ରୀ ସ୍ତରରେ ଯେଉଁ ନୂତନ ଶିକ୍ଷାନୀତି କଥା କହୁଛନ୍ତି ତାହା ବସ୍ତୁତଃ ଉଚ୍ଚଶିକ୍ଷାର ମୂଳ ଉଦ୍ଦେଶ୍ୟ ଯାହା ଗୋଟିଏ ଦିଗରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଉଚ୍ଚତର ଜ୍ଞାନ ଗଢିତୋଳିବା ଏବଂ ଅନ୍ୟ ଦିଗରେ ଏକ ସାମଗ୍ରିକ ଭାବରେ ସମାଜ ଦରଦୀ ନାଗରିକ ଗଢିତୋଳିବା ପାଇଁ ଉଦ୍ଦିଷ୍ଟ ହେବା କଥା ତାହାକୁ ସମୂଳେ ଧ୍ୱଂସ କରିବ। ଏଣୁ ଏହା ବିରୋଧରେ ରାଜ୍ୟର ଛାତ୍ରସମାଜ ଏକଜୁଟ୍ ହେବାକୁ ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି।

# 'ଚପଳା ପୋଖରୀ' ଗଳ୍ପ ସଙ୍କଳନ ଲୋକାର୍ପିତ




ବାରିପଦା, ୧୦।୧୧(ସମିସ): ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବାରିପଦା ଲାୟନସକ୍ଲବ୍ ଠାରେ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ପଞ୍ଚମ ଗଳ୍ପ ସଂକଳନ 'ଚପଳା ପୋଖରୀ'ର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାରିପଦା ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର ଅଧକ୍ଷତା କରିଥିଲା ବେଳେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନିତା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ଏବଂ ସାଗରିକା ସାହିତ୍ୟ ପତ୍ରିକାର ମୁଖ୍ୟସମ୍ପାଦିକା ସୌରିନ୍ଦ୍ରୀ ସାହୁ ସଂକଳନରେ ସ୍ଥାନିତ କଥାଗୁଡ଼ିକର ଚରିତ୍ରମାନେ କିପରି ଆମ ସହ ଜଡ଼ିତ ତା' ଉପରେ ଅବଲୋକନ କରିଥିଲେ। ସମୀକ୍ଷକ ଭାବେ ବିଶିଷ୍ଟ କବି ଓ ପ୍ରାବନ୍ଧିକ ଡ. ନୀଳକଣ୍ଠ ମିଶ୍ର ୩୬ଟି କ୍ଷୁଦ୍ରଗଳ୍ପର ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରିଥିଲେ। ସାମ୍ବାଦିକ ସୃଷ୍ଟିଧର ପରିଡ଼ା, ଶଶିରଞ୍ଜନ ମଲ୍ଲିକ ଏବଂ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସତ୍ତାଧିକାରୀ ବିଶିଷ୍ଟ ସାହିତ୍ୟିକ କାଳୀପଦ ପଣ୍ଡା ଗାଳ୍ପିକଙ୍କ ମୟୂରଭଞ୍ଜ ମାଟିମନସ୍କ ନେଇ ବକ୍ତବ୍ୟ ରଖିଥିଲେ। ସଂକଳନର ପ୍ରଚ୍ଛଦ ଯୁବ ଚିତ୍ରଶିଳ୍ପୀ ସ୍ୱରୂପ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ ଦଳବେହେରା ଅତିଥି ପରିଚୟ, ଯୁଗ୍ମ ସମ୍ପାଦକ ଶିଉଲାଲ ମହାନ୍ତ ଧନ୍ୟବାଦ ଦେଇଥିଲେ। ପରିଷଦର ପୂର୍ବତନ ସଭାପତି ଅଜିତ କବାଟ, ଅନ୍ୟତମ ଉପସଭାପତି ଜୟନ୍ତ ଦ୍ୱାରୀ, କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ପରିଚାଳନା କରିଥିଲେ।

# ଅପହୃତ ନାବାଳିକା ଉଦ୍ଧାର

ମୋରଡ଼ା, ୧୦।୧୧(ସମିସ): ମୋରଡା ଥାନାଞ୍ଚଳରେ ଜଣେ ନାବାଳିକାକୁ ଅପହରଣ କରାଯିବା ପରେ ପୁଲିସ ସମ୍ପୃକ୍ତ ନାବାଳିକାକୁ ଦୁଇ ଘଣ୍ଟା ମଧ୍ୟରେ ଉଦ୍ଧାର କରିଛି। ନାବାଳିକାଙ୍କ ପିତା ବଟକୃଷ୍ଣ ବେହେରାଙ୍କ ଅଭିଯୋଗ ମୁତାବକ, ୧୭ ବର୍ଷୀୟ ନାବାଳିକା ଗତ ୪ ତାରିଖ ସନ୍ଧ୍ୟା ବେଳେ ଘରୁ ବାହାରି ଆଉ ଫେରି ନଥିଲେ। ଦୁଇ ଦିନ ପରେ ସନ୍ଧାନ ପାଇଲେ ଯେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସୁନଗଡ଼ିଆ କୀର୍ତ୍ତନ ସାହିର ପିଣ୍ଟୁ ବିଶ୍ୱାଳ ତାଙ୍କ ଝିଅକୁ ନେଇ ପଳାଇଛି। ଅଭିଯୋଗ ପାଇ ମୋରଡା ଥାନାଧିକାରୀ ସତ୍ୟନାରାୟଣ ବଳ ବାରିପଦାରୁ ଜଣେ ସମ୍ପର୍କୀୟ ଘରୁ ଝିଅକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପ୍ରକାଶ କରିଛନ୍ତି।

# ବିଭିନ୍ନ ଅଞ୍ଚଳରେ ଡେଙ୍ଗୁ ଆତଙ୍କ

ବେତନଟୀ, ୧୦।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଓ ପଡୋଶୀ ବଡସାହି ବ୍ଲକରେ ମଧ୍ୟ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ଖବର ହସ୍ତଗତ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସିଡିଏମ୍‌ଓଙ୍କ ପକ୍ଷରୁ ଏଥିପାଇଁ ସଚେତନତା ସୃଷ୍ଟି କରା ନଯିବା କାରଣରୁ ଏବଂ ଡେଙ୍ଗୁ ଚିକିତ୍ସା ପାଇଁ ସ୍ୱତନ୍ତ୍ର ୱାର୍ଡ ସୂଚନା ଓ ଅନୁସନ୍ଧାନ ଜାରି ରଖା ନଯିବା କାରଣରୁ ପ୍ରଥମ ଅବସ୍ଥାରେ ଆକ୍ରାନ୍ତ ରୋଗୀ ସଠିକ୍ ଚିକିତ୍ସା ହସ୍ପିଟାଲରୁ ପାଇ ପାରୁନାହାନ୍ତି। ଅନେକ ଆକ୍ରାନ୍ତ ରୋଗୀ ମେଡିସିନ ଷ୍ଟୋରରୁ ପଚାରି ଔଷଧ ନେଇ ଖାଉଥିବା ବେଳେ ଶେଷ ପର୍ଯ୍ୟାୟରେ ସଂକ୍ରମିତ ରୋଗୀ ଘରୋଇ ନର୍ସିଂ ହୋମରେ ଖର୍ଚ୍ଚାନ୍ତ ହେଉଛନ୍ତି। ମୟୂରଭଞ୍ଜରେ ଡେଙ୍ଗୁ ବ୍ୟାପିବାର କୌଣସି ମାଧ୍ୟମ ନଥିବାବେଳେ ବହୁ ସଂଖ୍ୟାରେ ଶ୍ରମିକ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଅଞ୍ଚଳକୁ କାମ କରିବାକୁ ଯାଇ ମୟୂରଭଞ୍ଜର ଶ୍ରମିକମାନେ ଆକ୍ରାନ୍ତ ହୋଇ ଆସିବାପରେ ଏଠାରେ ବ୍ୟାପୁଥିବା ମୁଖ୍ୟ କାରଣ ବୋଲି କୁହାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ଓପିଏସ୍‌ସି ସଫଳତା ପାଇଁ ସମ୍ବର୍ଦ୍ଧନା



ମହୁଲଡିହା, ୧୦।୧୧(ସମିସ): ଓଡ଼ିଶା ପ୍ରଶାସନିକ ସେବାରେ ପ୍ରଥମ ପଦାର୍ପଣରେ ସଫଳତା ପାଇଥିବା ଠାକୁରମୁଣ୍ଡାର ପିଙ୍କି ନାଏକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ପ୍ରେସ କ୍ଲବ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବସନ୍ତ ପଇବର୍ତ୍ତି, ବିଶିଷ୍ଟ ଗୀତିକାର ପଦ୍ମଲୋଚନ ନନ୍ଦ ଆଶୀର୍ବଚନ ପ୍ରଦାନ କରିଥିଲେ। ପ୍ରେସ କ୍ଲବର ଉପସଭାପତି ଚକ୍ରଧର ଦାସ ଭବିଷ୍ୟତ ଜୀବନରେ ସମସ୍ତ ପ୍ରକାର ସଫଳତା କାମନା କରିଥିଲେ। ଦେବେନ୍ଦ୍ର ନାୟକ, ପିଙ୍କିଙ୍କ ବାପା ମହୁଲଡିହା ଉଚ୍ଚବିଦ୍ୟାଳୟର ପୂର୍ବତନ ଛାତ୍ର ଶଶିକାନ୍ତ ନାଏକ, ମା' ଧନେଶ୍ୱରୀ ଉପସ୍ଥିତ ଥିଲେ। ଶରତ ତ୍ରିପାଠୀ ସଂଯୋଜନା କରିଥିଲେ। ସାମ୍ବାଦିକ ଯୋଗେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ବରିଷ୍ଠ ନାଗରିକ ବାପି ପଣ୍ଡା, ଆଡଭୋକେଟ କଳ୍ପନା ନାୟକ, ମହିଳା ମହାସଂଘ ସଭାନେତ୍ରୀ ସୁଶୀଳା ସାହୁ, ସମାଜସେବୀ ଜ୍ୟୋତ୍ସ୍ନା ପାଣିଗ୍ରାହୀ, ଶିକ୍ଷକ ତରଣୀସେନ ନାୟକ, ସାମ୍ବାଦିକ ହରେକୃଷ୍ଣ ତ୍ରିପାଠୀ, ଶେଖ ରାଜୁ, ରମେଶଚନ୍ଦ୍ର ମହାନ୍ତ, ଏସଏଚଜି ମହିଳା, ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନାବାଳକ ହଷ୍ଟେଲ ଛାତ୍ର ଉଦ୍ଧାର

ମୋରଡ଼ା, ୧୦।୧୧(ସମିସ): ମୋରଡା ଥାନା ପୁଲିସ ଜଣେ ନାବାଳକ ଛାତ୍ରଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୋରଡ଼ା ବଜାରରେ ଥିବା ମିଳନ ଦେବୀ ଶିଶୁ ମନ୍ଦିରର ଉକ୍ତ ଛାତ୍ର ଅମରଜିତ ମୁର୍ମୁ ହଷ୍ଟେଲରେ ରହୁଥିଲେ। ରବିବାର ସକାଳ ଛଅଟା ସମୟରେ ଉକ୍ତ ଛାତ୍ର ଜଣକ ମୋରଡା ବଜାରରେ ଅସହାୟ ଅବସ୍ଥାରେ ବୁଲୁଥିଲେ। ମୋରଡା ଥାନା ପୁଲିସ ଦେଖି ପଚରାଉଚରା କରିବା ପରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଛାତ୍ରର ଅଭିଭାବକଙ୍କୁ ଥାନାକୁ ଡାକି ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଉକ୍ତ ହଷ୍ଟେଲରେ ଏଭଳି ଜଣେ ଛାତ୍ର ସକାଳୁ କୁଆଡ଼େ ଓ କେମିତି ବାହାରି ଚାଲି ଆସିଲା ଏବଂ ସେନେଇ ଅନ୍ୟ ଛାତ୍ରମାନେ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ ଯଥାଶୀଘ୍ର ହେବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବାଙ୍ଗିରିପୋଷି ପ୍ରିମିୟର ଲିଗ୍ କ୍ରିକେଟ୍

# ଟାଇଗର ୱାରିୟର୍ସ ଚାମ୍ପିଅନ

ବାରିପଦା, ୧୦।୧୧(ସମିସ): ବାଙ୍ଗିରିପୋଷି ହାଇସ୍କୁଲ ପଡ଼ିଆରେ ବିପିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୦ଦିନ ଧରି ଚାଲିଥିବା ବାଙ୍ଗିରିପୋଷି ପ୍ରିମିୟର ଲିଗ (ବିପିଏଲ ୭) କ୍ରିକେଟ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲରେ ଶ୍ୟାମ ଷ୍ଟାର-୧୧ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୫ ରନ୍ କରିଥିଲା। ଟାଇଗର ୱାରିୟର୍ସ ଟିମ ବ୍ୟାଟିଂ କରି ୮.୩ ଓଭରରେ ଏକ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାର୍ଣ୍ଡି, ସୁବୋଧ ମାର୍ଣ୍ଡି, ବିଜେଡି ବ୍ଲକ ସଭାପତି ବୀରକିଶୋର ମହାନ୍ତି, ଯୁବନେତା ବିଶ୍ୱଜିତ ଶର୍ମା, ମନୋରଞ୍ଜନ ବାରିକ, ଅଜୟ ମହାନ୍ତି ଯୋଗ ଦେଇଥିଲେ। ସଭାପତି ଆକାଶ ମହତା, ଉପସଭାପତି ମୃଞ୍ଜୟ ଦୂତ୍ତ, ସମ୍ପାଦକ ଦୀପକ ଦତ୍ତ, ସହ ସମ୍ପାଦକ ରଞ୍ଜିତ ସିଂହଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



# ଅଣ୍ଡର ୧୬ ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତା



ବାରିପଦା, ୧୦।୧୧(ସମିସ)

ମଧୁବନ ମିନି ଷ୍ଟାଡିୟମରେ ରବିବାର ଅଣ୍ଡର ୧୬ ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସମ୍ପାଦକ ବିଜୟ ଦାସ, ବାରିପଦା କ୍ରିକେଟ ଏକଡେମୀର ସଭାପତି ବିକ୍ରମ କେଶରୀ ଜେନା, ସମ୍ପାଦକ ସୁଶାନ୍ତ ଦାସ, ବରିଷ୍ଠ ସାମ୍ବାଦିକ ସତ୍ୟଜିତ ଷୋମ, ସଞ୍ଜୟ ସିଂ, ଶିବ ସିଂ, ହେମନ୍ତ ବଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାରିପଦା କ୍ରିକେଟ ଏକଡେମୀ ପକ୍ଷରୁ ଆୟୋଜିତ ଉକ୍ତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସତ୍ୟସାଇ ବିଦ୍ୟାବିହାର, ସେଣ୍ଟମେରୀ କନଭେଣ୍ଟ ସ୍କୁଲ, ସେଣ୍ଟ ଆନି କନଭେଣ୍ଟ ସ୍କୁଲ, ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମେତ ୩ଟି କ୍ରିକେଟ ଏକାଡେମୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଡିଆରକେ ୨୦ ଓଭରରେ ୮ ୱିକେଟ ବିନିମୟରେ ୧୩୮ ରନ କରିଥିବା ବେଳେ ସେଣ୍ଟ ଆନି ୪୨ ରନରେ ଅଲଆଉଟ ହୋଇଥିଲେ। ବାରିପଦା କ୍ରିକେଟ ଏକାଡେମୀ ପକ୍ଷରୁ ଏହି ପ୍ରତିଯୋଗିତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅମିତାଭ ମହାନ୍ତି ଓ ଏସକେ ଲାଇକ ଉଦ୍ଦିନ ଅମ୍ପାୟାର ଥିବା ବେଳେ ଘୋଷକ ଭାବେ ଦୀପକ ଦାସ ଓ ସ୍କୋରର ସମ୍ବିତ ମହାରଣା ରହିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୬ଗିରିଶ ଚନ୍ଦ୍ର ମଲ୍ଲିକ
ଆବିର୍ଭାବ: ୦୫/୦୫/୧୯୬୨
ତିରୋଭାବ: ୦୧/୧୧/୨୦୨୪
ପିତା: ନୀଳମଣି ମଲ୍ଲିକ
ଆପଣଙ୍କ ସ୍ନେହ, ଶ୍ରଦ୍ଧାକୁ ଆମ୍ଭେମାନେ ସଦାସର୍ବଦା ମନେ ରଖିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର
ସୌଭାଗ୍ୟ ରଞ୍ଜନ ମଲ୍ଲିକ
ହସନାବାଦ, ଗୋପବନ୍ଧୁନଗର
ଥାନା: ଧୂସୁରୀ, ଜିଲ୍ଲା: ଭଦ୍ରକ

## ଆନନ୍ଦପୁରରେ ପଞ୍ଚୁକ ବ୍ରତ ଆରମ୍ଭ



**ଆନନ୍ଦପୁର,୧୦।୧୧(ସମିସ):** ପବିତ୍ର କାର୍ତ୍ତିକ ମାସର ଅଁଳା ନବମୀ ଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଶ୍ରୀଦଧିବାମନଜୀଉ ମନ୍ଦିରର ମା' ବୃନ୍ଦାବତୀଙ୍କ ବେଢ଼ାରେ ହବିଷ୍ୟାଳୀମାନେ ପ୍ରତ୍ୟୁଷରୁ ରାଇଦାମୋଦର ପୂଜା କରିବା ସହିତ ବୃନ୍ଦାବତୀ ବନ୍ଦାପନା କାର୍ଯ୍ୟ କରିଛନ୍ତି। ମନ୍ଦିରରେ ଚତୁର୍ଦ୍ଧା ମୁରତୀଙ୍କୁ ଦର୍ଶନ କରିବା ପରେ ରାଧା ଦାମୋଦର ପୂଜା, ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପୂଜା କରିବା ପରେ କାର୍ତ୍ତିକ ମହାତ୍ମ୍ୟ ଗୀତ ଗାଇ ଅଞ୍ଚଳକୁ ଭକ୍ତିମୟ କରୁଥିବା ଦେଖାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ କାର୍ତ୍ତିକ ବ୍ରତ, ରାସପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଆନନ୍ଦପୁର ସାଂସ୍କୃତିକ ପରିଷଦ ଭାଗବତ ପ୍ରଚାର ଓ ପ୍ରସାର ସମିତି ଓ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ୧୧ ତାରିଖ ଠାରୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପଞ୍ଚକ ପ୍ରବଚନ କମିଟି ପକ୍ଷରୁ ସୂଚନା ମିଳିଛି।

## ଅନାଦି ଉଦ୍ୟାନ କୃଷି ବିଭାଗର ସାଂସଦ ପ୍ରତିନିଧି



**ବେଲବାହାଲି,୧୦।୧୧(ସମିସ):** କେନ୍ଦୁଝର ସାଂସଦ ଅନନ୍ତ ନାଏକ ଆଜି ଆନନ୍ଦପୁର ବ୍ଲକ ଉଦ୍ୟାନ କୃଷି ଓ ବଗିଚା ବିଜ୍ଞାନର ପ୍ରତିନିଧିତ୍ୱ ପାଇଁ ଦଳର ବରିଷ୍ଠ ନେତା ତଥା ବେଲବାହାଲି ବିଜେପି ମଣ୍ଡଳ ସଭାପତି ଅନାଦି ଚରଣ ସାହୁଙ୍କୁ ପ୍ରତିନିଧି ଭାବେ ଦାୟିତ୍ୱ ଭାର ପ୍ରଦାନ କରିଛନ୍ତି। ଏନେଇ ସାଂସଦ ଶ୍ରୀ ନାଏକ ପତ୍ର ମାଧ୍ୟମରେ ଆନନ୍ଦପୁର ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକଙ୍କୁ ଅବଗତ କରାଇଛନ୍ତି। ଉଦ୍ୟାନ କୃଷି ବିଭାଗର ପ୍ରତିନିଧି ଭାବେ ଅନାଦି ଚରଣ ସାହୁଙ୍କୁ ଗୁରୁ ଦାୟିତ୍ୱ ମିଳିଥିବାରୁ ସେ ଅତ୍ୟନ୍ତ ଦାୟିତ୍ୱ ଏବଂ ନିଷ୍ଠାର ସହ ତୁଲାଇବେ ବୋଲି ମତ ପ୍ରକାଶ କରିଛନ୍ତି।

## ଜେଜେ ମା' ଜେଜେ ବାପା ସମ୍ମିଳନୀ



**ବଡବିଲ,୧୦।୧୧(ସମିସ):** ବଡ଼ବିଲ ପୌରାଞ୍ଚଳରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେ ମା' ଜେଜେ ବାପା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପ୍ରଧାନଗୁରୁଜୀ ବିପିନ ବିହାରୀ ଖଣ୍ଡାଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଓ ପରିଚାଳନା ସମିତି ସମ୍ପାଦକ ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ପରିବାରର ଭୂମିକା ଅତ୍ୟନ୍ତ ମୂଲ୍ୟବାନ ବୋଲି ମତ ରଖିଥିଲେ। ୮୫ ଜଣ ଛାତ୍ରଛାତ୍ରୀଙ୍କ ଜେଜେ ମା' ଜେଜେ ବାପା ଏଥିରେ ଅଂଶଗ୍ରହଣ କରି ଶିକ୍ଷା କ୍ଷେତ୍ରରେ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା' କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଣ୍ଡେଶ୍ୱରରେ ହାଟ ଓ ମକର ମେଳା ବୈଠକ



**ବେଲବାହାଲି,୧୦।୧୧(ସମିସ):** ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଗୁହାଳିଆ ଗ୍ରାମର କୁଣ୍ଡେଶ୍ୱର ହାଟପଡିଆଠାରେ ହାଟ ଓ ମକର ମେଳା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଣ୍ଡେଶ୍ୱର ହାଟ ଓ ମନ୍ଦିର ପରିଚାଳନା କମିଟିର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ସଭାପତିତ୍ୱରେ ୫ଟି ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ କିଛି ବର୍ଷ ଧରି ହାଟ, ମକରମେଳା ଓ ମନ୍ଦିର ପରିଚାଳନା କ୍ଷେତ୍ରରେ ବାଦ ବିବାଦ ଉପୁଜିଥିଲା। ଫଳରେ ସମ୍ପୂର୍ଣ୍ଣ ହାଟ ଓ ମକର ମେଳା ପ୍ରଶାସନ ତରଫରୁ ବନ୍ଦ କରାଯାଇଥିଲା। ପୂର୍ବଗୌରବ ଫେରାଇ ଆଣିବା ପାଇଁ ଆଜି ଏକ ସଭା ଅନୁଷ୍ଠିତ ହୋଇଥିବା ବେଳେ ୫ଟି ପଞ୍ଚାୟତର ଶତାଧିକ ଲୋକମାନେ ଏକାଠି ହୋଇ ଶୃଙ୍ଖଳା ବଜାୟ ରଖିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ନଂ. ଜୋନର ଜିଲ୍ଲା ପରିଷଦ ସଭ୍ୟା ଅସୀମା ମିଶ୍ର, ଗରିବ ସେବାସଦନର ପରିଚାଳକ ଡ. ଶମ୍ଭୁନାଥ ରାଉତ, ସମାଜସେବୀ ସୁବାସ ଜେନା, ମାନସ ବାରିକ, ସୁରେଶ ଜେନା, ସୁରେନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ମହାନ୍ତି, ଶିବ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ସତ୍ୟବ୍ରତ ଜେନା, ମକୁର ଜେନା, ସୁବ୍ରତ ଜେନା, ମହେଶ୍ୱର ଜେନା, ଦାଶରଥି ଜେନା, ଟୁନି ଜେନା, ସନ୍ତୋଷ ଜେନା, ତାପସ ଜେନା, ସଦାନନ୍ଦ ଜେନା ଓ ବିଜୟ ଜେନାଙ୍କ ସହିତ ଶତାଧିକ ଅଞ୍ଚଳ ବାସୀ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା

# 'ଲକ୍ଷ୍ୟ ହାସଲ ପାଇଁ ସାଧନା ଜାରି ରଖିବା ଉଚିତ'

### ୩୧ଟି କ୍ରୀଡ଼ା ଜିଲ୍ଲାର ୭୧୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ




**କେନ୍ଦୁଝର,୧୦।୧୧(ସମିସ)**

ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ, କେନ୍ଦୁଝର ଦ୍ୱାରା ଆୟୋଜିତ ୬୮ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ବିଭାଗ ରବିବାର ମହାସମାରୋହରେ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ ଯୋଗ ଦେଇ ଲକ୍ଷ୍ୟ ହାସଲ ପାଇଁ ସାଧନା ଜାରି ରଖିବା ଆବଶ୍ୟକ ବୋଲି କ୍ରୀଡାବିତ୍‌ମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାଏକ ପାଠ ପଢ଼ା ସହିତ ଖେଳକୁ ଅଗ୍ରାଧିକାର ଦେବାକୁ ଅଭିଭାବକ ମାନେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲ୍ଲୀପ କୁମାର ନାୟକ ଯୋଗ ଦେଇ ଜୀବନରେ ଶୃଙ୍ଖଳା ରହିଲେ ସବୁ କ୍ଷେତ୍ରରେ ସଫଳତା ମିଳି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଯୋଗ ଦେଇ ଆନ୍ତର୍ଜାତିକ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଖେଳାଳି ମାନେ ବିଦ୍ୟାଳୟ ସ୍ତରରୁ ଖେଳ ଆରମ୍ଭ କରି ଆଜି ସୁନାମ ଅର୍ଜନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଯୋଗ ଦେଇ ଜାତୀୟ ଶିକ୍ଷା ନୀତିରେ କ୍ରୀଡ଼ାକୁ ଅଗ୍ରାଧିକାର ଦିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶୁଆକାଟିର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରାଯିବା ପରେ ସମ୍ମିଳିତ ମାର୍ଚ୍ଚପାଷ୍ଟକୁ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦଘାଟିତ ହେଲା ବୋଲି ଘୋଷଣା କରିଥିଲେ। ୩୧ଟି କ୍ରୀଡ଼ା ଜିଲ୍ଲାର ୭୧୦ ପ୍ରତିଯୋଗୀ, ୯୯ ଜଣ କୋଚ୍ ଓ ପରିଚାଳକ, ରାଜ୍ୟ ତଥା ଜିଲ୍ଲାର ୧୧୦ ଜଣ ଅଫିସିଆଲ୍ ଯୋଗ ଦେଇଛନ୍ତି। ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## କୁଶଳେଶ୍ୱର ମହାବିଦ୍ୟାଳୟ ଇତିହାସ ବିଭାଗର ଆଲୋଚନାଚକ୍ର




**ଆନନ୍ଦପୁର,୧୦।୧୧(ସମିସ):** ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ ରେକୁଟିଆ ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଭଗବତବିତ୍ ଜଗତ କିଶୋର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟାପକ ଭବାନୀ ଶଙ୍କର ରାଉତ ଯୋଗଦେଇ ଆଧ୍ୟାତ୍ମିକ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତିହାସ ବିଭାଗର ଛାତ୍ର ସତ୍ୟବ୍ରତ ସାହୁ ସାଂପ୍ରତିକ ପରିସ୍ଥିତିରେ ଭାରତୀୟ ସଂସ୍କୃତି ଆଧ୍ୟାତ୍ମିକ ଶିକ୍ଷା ଶୀର୍ଷକ ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା, ଅଧ୍ୟକ୍ଷ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଦାମୋଦର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବର୍ତ୍ତନ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



**ବାଲିବନ୍ଧ,୧୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଉପକଣ୍ଠ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଅମୁଣିରେ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ଏହି ଗ୍ରାମର ମୁଣ୍ଡାସାହିରେ ପାଖପାଖି ୬୦ପରିବାର ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ତେବେ ସେହି ସାହିର କୁନିକୁନି ଶିଶୁମାନେ ବିଭିନ୍ନ କାରଣ ନେଇ ପାଠପଢ଼ାରୁ ବିଚ୍ୟୁତ ହେଉଥିବା ଦେଖିବାକୁ ମିଳୁଛି। ତେବେ ରାଇକଳା ଗ୍ରାମର "ପରିବର୍ତ୍ତନ ସେବା ଟ୍ରଷ୍ଟ' ପକ୍ଷରୁ ସେହି କୁନିକୁନି ଶିଶୁମାନଙ୍କ ପାଇଁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି। ଆଧାରୁ ପାଠ ଛାଡୁଥିବା ଶିଶୁମାନଙ୍କୁ ସମାଜର ମୁଖ୍ୟ ସୂତ୍ରରେ ସାମିଲ କରିବା ପାଇଁ ପରିବର୍ତ୍ତନ ସେବା ଟ୍ରଷ୍ଟ ପକ୍ଷରୁ ଆଦିବାସୀ ପିଲାଙ୍କୁ ବର୍ଣ୍ଣବୋଧ, କାଗଜ, ଡଟ୍‌ପେନ୍, ଖାତା, ସିଲଟ, ଖଡ଼ି, ଇତ୍ୟାଦି ଯୋଗାଇ ଦିଆଯାଇଛି। ତେବେ ଟ୍ରଷ୍ଟ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ କରିବା ସହିତ ପିଲାମାନଙ୍କୁ ନିୟମିତ ସ୍କୁଲକୁ ପଠାଇବା ନିମନ୍ତେ ପିଲାଙ୍କ ବାପା ଓ ମା'ମାନଙ୍କୁ ଟ୍ରଷ୍ଟର ସଭାପତି ଦିବ୍ୟରଞ୍ଜନ ମହାନ୍ତ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ରାମେଶ୍ୱର ମହାନ୍ତ, ସୁମନ୍ତ ମହାନ୍ତ, ଘନଶ୍ୟାମ ମହାନ୍ତ, ଓମପ୍ରକାଶ ମହାନ୍ତ ଏବଂ ଅନ୍ୟ ସହଯୋଗୀ ଉପସ୍ଥିତ ରହି ପିଲାମାନେ ପାଠପଢ଼ି କେମିତି ଉଚ୍ଚଶିକ୍ଷିତ ହେବେ ସେଥିପାଇଁ ପରାମର୍ଶ ଦେଇଥିଲେ।

### ପ୍ରୋଜେକ୍ଟ ମ୍ୟାନେଜରଙ୍କ ଅଶୋଭନୀୟ ବ୍ୟବହାର

## ଥାନାର ଦ୍ୱାରସ୍ଥ ହେଲେ ପ୍ରଧାନ ଆଚାର୍ଯ୍ୟ ଓ ଶିକ୍ଷକଶିକ୍ଷୟିତ୍ରୀ

**ଆନନ୍ଦପୁର,୧୦।୧୧(ସମିସ):** ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଡିଓଭି ବାଳାଶ୍ରମର ପ୍ରୋଜେକ୍ଟ ମ୍ୟାନେଜର ସୁଦର୍ଶନ ସାହୁଙ୍କ ଅଶୋଭନୀୟ ବ୍ୟବହାର ନେଇ ଆଶ୍ରମର ପ୍ରଧାନ ଆଚାର୍ଯ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀ ରାମଚନ୍ଦ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିବାର ଜଣାଯାଇଛି। ଅଭିଯୋଗପତ୍ର ଅନୁଯାୟୀ ଡିଓଭି ବାଳାଶ୍ରମର ପ୍ରଧାନ ଆଚାର୍ଯ୍ୟ ପୁରୁଷୋତ୍ତମ ସାହୁ ଦୀର୍ଘ ୧୮ ବର୍ଷ ଧରି ସ୍ୱଳ୍ପ ପାରିଶ୍ରମିକ ପାଇ ସୂଚାରୁ ରୂପେ ବାଳାଶ୍ରମର କାର୍ଯ୍ୟ ସଂପାଦନ କରିଆସୁଥିବା ବେଳେ ଶନିବାର ପ୍ରୋଜେକ୍ଟ ମ୍ୟାନେଜର ସୁଦର୍ଶନ ସାହୁ ଅଫିସକୁ ଡାକି ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଅଶ୍ଳୀଳ ଭାଷାରେ ଗାଳିଦେବା ସହ ହାତ ଉଠାଇ ମାରିବା ପରେ ଜୀବନରେ ମାରିଦେବାକୁ ଧମକ ଦେଇଥିବାର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ସେ ଜଣେ ମଧୁମେହ, ଉଚ୍ଚ ରକ୍ତଚାପ ରୋଗୀ ହୋଇଥିବା ବେଳେ ପ୍ରତ୍ୟେକ ଦିନ ବିଦ୍ୟାଳୟରେ ପ୍ରୋଜେକ୍ଟ ମ୍ୟାନେଜର ଅକଥନୀୟ ମାନସିକ ନିର୍ଯାତନା ଦେବା ସହ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅବାନ୍ତର ଅଯୁକ୍ତିକର କଥା କହୁଥିବାର ଅଭିଯୋଗ ହୋଇଛି। ଅନୁଷ୍ଠାନକୁ ଦୀର୍ଘ ୨୦ ବର୍ଷ ଧରି ପ୍ରଚୁର ପରିମାଣର ଅର୍ଥ ଆସୁଥିବା ବେଳେ ସେ ମନଇଚ୍ଛା ଅର୍ଥକୁ ଆତ୍ମସାତ କରି ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଦୈନିକ ୧୫୦ ଟଙ୍କା ଦେଇ କ୍ରୀତଦାସ ପରି ବ୍ୟବହାର କରୁଥିବାର ଅଭିଯୋଗ ହୋଇଛି। ପ୍ରୋଜେକ୍ଟ ଡାଇରେକ୍ଟର ଶ୍ରୀଯୁକ୍ତ ସାହୁ ଟୁକୁଣା ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ବେଳେ ଅନୁଷ୍ଠାନର ଅର୍ଥକୁ ଆତ୍ମସାତ କରୁଥିବାର ତଦନ୍ତ କରିବା ନେଇ ରାମଚନ୍ଦ୍ରପୁର ଥାନାରେ ପ୍ରଧାନ ଆଚାର୍ଯ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ ଦେଇଥିବାର ଜଣାଯାଇଛି। ଥାନା ପକ୍ଷରୁ କେଶ ନଂ ୩୬୦/୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ଖପରାଖାଇ ଛକରେ ଦୁର୍ଘଟଣା

**ଆନନ୍ଦପୁର,୧୦।୧୧(ସମିସ):** ଘସିପୁରା ଥାନା ଖପରାଖାଇ ଛକରେ ଏକ ଟ୍ରକ୍ ସହ ଅଟୋର ଦୁର୍ଘଟଣା ଘଟିବାରୁ ଅଟୋ ଚାଳକ ଯାଦବ ଖଣ୍ଡା ଗୁରୁତର ଆହତ ହୋଇଛନ୍ତି। ଯାଦବ ଚାପି ହୋଇ ଗୁରୁତର ଭାବେ ଫସି ରହିଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



# ଚଳଚଞ୍ଚଳ ହେଲାଣି ଗଁପୁର ରଘୁନାଥଜୀୟୁ ପୀଠ



## ପ୍ରକୃତିରାଣୀର ମନଲୋଭା ଦୃଶ୍ୟ ଉପଭୋଗ କରୁଛନ୍ତି ପର୍ଯ୍ୟଟକ



**ରାମଚନ୍ଦ୍ରପୁର,୧୦।୧୧(ସମିସ):** ଶୀତ ଋତୁ ଆଗମନରେ ଚଳଚଞ୍ଚଳ ହେଲାଣି ପରିବେଶ ପର୍ଯ୍ୟଟନ ଭାବେ ଜଣାଶୁଣା ଗଁପୁର ରଘୁନାଜୀୟୁ ପୀଠ। କେନ୍ଦୁଝର-ଯାଜପୁର ସୀମାନ୍ତ ୨୦ ନମ୍ବର ଜାତୀୟ ରାଜପଥ ଜରଦା ଛକ ଠାରୁ ପଶ୍ଚିମ ଦିଗକୁ ମାତ୍ର ୩ କିଲୋମିର ଗଲେ ପଡେ ଆଦିବାସୀ ଅଧ୍ୟୁଷିତ ବଣ ପାହାଡ଼ ଘେରା ଗଁପୁର ପଞ୍ଚାୟତ। ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ମଥାଟେକି ରହିଛି କଜ୍ୱଲେଇ ପାହାଡ଼। ଏହାରି ଭିତରେ କେନ୍ଦୁଝର ଭଞ୍ଜବଂଶୀ ରାଜାଙ୍କ ଚିତ୍ତ ବିନୋଦନ ସ୍ଥଳ ଐତିହାସିକ ବରାଙ୍ଗ ଜଙ୍ଗଲ। ଶାଳ ପିଆଶାଳ ସହ ଅନେକ ଔଷଧୀୟ ବୃକ୍ଷରାଜିର ସମାରୋହ। କଜ୍ୱଲେଇ ପାହାଡ ଉପରେ ସୁଉଚ୍ଚ ରଘୁନାଥଜୀୟୁଙ୍କ ଭବ୍ୟ ମନ୍ଦିର ଏବଂ ପାଦ ଦେଶରେ ରଘୁନାଥ ଆଶ୍ରମ। ମନ୍ଦିରକୁ ପାଦରେ ଯିବାକୁ ୨୫୬ ପାବଚ୍ଛ ନିର୍ମାଣ ହୋଇଛି। ଜଙ୍ଗଲର ଶାନ୍ତ ମନୋରମ ପରିବେଶ, ବିଭିନ୍ନ ପଶୁପକ୍ଷୀଙ୍କ କିଚିରି ମିଚିରି ମଧୁର ସ୍ୱର ଏବଂ ହରିଣ, କୁଟୁରା ଦଳଦଳ ହୋଇ ଜଙ୍ଗଲରେ ବୁଲୁଥିବା ଦୃଶ୍ୟ ଅତିବା ମନୋରମ। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ନଭେମ୍ବର ପ୍ରଥମ ସପ୍ତାହରୁ ପାହାଡ ପାଦଦେଶରେ ପିକନିକ୍ ପାର୍ଟିମାନେ ଦଳ ଦଳ ହୋଇ ଭୋଜି ଭାତର ଢେର ଆସର ଜମାଇଲେଣି। ପ୍ରତ୍ୟକ ବୁଧବାର, ଶୁକ୍ରବାର ଏବଂ ରବିବାର ଦିନରେ ଆଶ୍ରମ ଏବଂ ମେଳା ପଡିଆରେ ଅସମ୍ଭାଳ ଭିଡ଼ ହେଉଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲ୍ଲା ସମେତ ପଡୋଶୀ ଯାଜପୁର ଜିଲ୍ଲାରୁ ଶହଶହ ସଂଖ୍ୟାରେ ସ୍କୁଲ ପିଲା, ପର୍ଯ୍ୟଟକ ଏବଂ ପିକନିକ୍ ପାର୍ଟି ଆସି ଭୋଜି ଭାତର ମଜା ନେବା ସହ ପାହାଡ ଉପରକୁ ଚଢ଼ି ପ୍ରକୃତିରାଣୀର ମନୋଲୋଭା ଦୃଶ୍ୟ ଉପଭୋଗ କରୁଛନ୍ତି। ଭୋଜି କରିବାକୁ ପାହାଡ ପାଦଦେଶ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ପିକନିକ୍ ପାର୍ଟି ମେଳା ପଡିଆରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ଶହଶହ ସଂଖ୍ୟାରେ ପିକିନିକ୍ ପାର୍ଟି ଏଠାକୁ ଭୋଜିଭାତ କରିବାକୁ ଆସୁଥିବା ବେଳେ ଆଶ୍ରମ ପରିସରରେ ଥିବା ନଳକୂପ ପାନୀୟ ଜଳର ଏକମାତ୍ର ମାଧ୍ୟମ ସାଜିଛି। ଦିନ ତମାମ୍ ନଳକୂପ ନିକଟରେ ଅସମ୍ଭାଳ ଭିଡ଼ ଜମୁଥିବାରୁ ଲୋକଙ୍କ ସୁବିଧା ପାଇଁ ମେଳା ପଡ଼ିଆରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ନଳକୂପ ବସାଯିବା ଜରୁରୀ ବୋଲି ଅନେକ ପର୍ଯ୍ୟଟକ ଦାବି କରିଛନ୍ତି। ଏଥିସହ ପିକନିକ୍ ପାର୍ଟିମାନଙ୍କ ରୋଷେଇ ବାସସୁବିଧା ପାଇଁ ମେଳା ପଡିଆରେ କିଛି ପିଣ୍ଡି ନିର୍ମାଣ କରିବା ସହ ସଂଧ୍ୟା ସମୟରେ ଦୂରଦୂରନ୍ତରୁ ଆସିଥିବା ପର୍ଯ୍ୟଟକଙ୍କ ସୁବିଧା ପାଇଁ ମେଳା ପଡିଆକୁ ଆଲୋକୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିହାତି ଜରୁରୀ, ଗମନା ଗମନ ସୁବିଧା ପାଇଁ ୨୦ ନମ୍ବର ଜାତୀୟ ରାଜପଥ ଜରଦା ଛକରୁ ଆଶ୍ରମ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହାର ମରାମତି ଦିଗରେ ପ୍ରଶାସନ ସଜାଗ ହେବା ଜରୁରୀ ବୋଲି ଅନେକ ପର୍ଯ୍ୟଟକ ଦାବି କରିଛନ୍ତି।



# କରଞ୍ଜାବାଟିରେ ବସଷ୍ଟାଣ୍ଡ ନିର୍ମାଣ ଦାବି

**ହାଟଡିହୀ,୧୦।୧୧(ସମିସ)**



ହାଟଡିହୀ ବ୍ଲକ ପଦାଡ଼ୋ ପଞ୍ଚାୟତ ଅଧୀନସ୍ଥ କରଞ୍ଜାବାଟି ଠାରେ ଯାତ୍ରୀ ବିଶ୍ରାମଗାର ତଥା ବସ୍‌ଷ୍ଟାଣ୍ଡଟିଏ ଆବଶ୍ୟକ ହୋଇପଡ଼ିଛି। ପ୍ରକାଶ ଥାଉକି, ଗତ ୨୦୨୩ ମସିହା ନଭେମ୍ବର ୧୧ତାରିଖରେ କରଞ୍ଜାବାଟି ପ୍ରାଥମିକ ବିଦ୍ୟାଳୟ ପାଚେରିକୁ ଲାଗି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ନେଇ ଏହାର ଶୁଭ ଶିଳାନ୍ୟାସ ହୋଇଥିବା ବେଳେ ଏକ ନାମଫଳକ ମଧ ସ୍ଥାପନ ହୋଇଛି। ତେବେ ଉକ୍ତ ପଦାଡ଼ୋ ପଞ୍ଚାୟତର ଆଉ ଏକ ବସ୍‌ଷ୍ଟାଣ୍ଡ ପୋଡ଼ାସିଙ୍ଗିଡ଼ି ଛକ ଠାରେ ନିର୍ମାଣ ହୋଇସାରିଛି। ତେଣୁ କରଞ୍ଜାବାଟି ଛକ ଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଫଳକ ଲାଗିଥିଲେ ସୁଦ୍ଧା ଆଜିଯାଏଁ ନିର୍ମାଣ ହୋଇପାରିଲା ନାହିଁ। ଏନେଇ ହାଟଡିହୀ ବିଡିଓ କହିଛନ୍ତି କି, ପୁରୁଣା ସରକାର ସମୟରେ ଆମ ଓଡ଼ିଶା ନବୀନ ଓଡିଶା ପକ୍ଷରୁ ମୋଟ ୬୮ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ନିର୍ଦ୍ଦେଶ ଥିଲା। ମାତ୍ର ନିର୍ବାଚନର ଆଚରଣ ବିଧି ଲାଗୁ ହେବା ମଧ୍ୟରେ ସେଥିରୁ ୨୫ଟି ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ବାକିତକ ବନ୍ଦ ହୋଇପଡ଼ିଛି। ନୂଆ ସରକାର ଆସିବା ପରେ ସେସବୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି କାର୍ଯ୍ୟ ପାଇଁ ବ୍ଲକରେ ଅର୍ଥରାଶି ଅଛି; କେବଳ ନୂଆ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ସୂଚନା ଥାଉକି, ପୋଡ଼ସିଙ୍ଗିଡ଼ି ଅପେକ୍ଷା କରଞ୍ଜାବାଟି ଏବଂ ପାଖ ଗାଁମାନଙ୍କରେ ଶତାଧିକ ଗରିବ ପରିବାର ବସବାସ କରନ୍ତି। ଏହି ଗାଁ ଲୋକଙ୍କ ପାଇଁ ୪ଚକିଆ ଯାନ ସାତସପନ ହୋଇପଡ଼ିଥିବା ବେଳେ କାଁ ଭାଁ ଲୋକଙ୍କ ପାଖରେ ମୋଟର ସାଇକଲ ଦେଖିବାକୁ ମିଳେ। ଏଠାକାର ଲୋକେ ଯାତାୟାତ ପାଇଁ ସାଧାରଣତଃ ଯାତ୍ରୀବାହୀ ଗାଡ଼ି ଉପରେ ନିର୍ଭର କରିଥା'ନ୍ତି। ଯାତ୍ରୀମାନେ ଖରାବର୍ଷାରେ ହନ୍ତସନ୍ତ ହୋଇ ଗଛମୂଳ, କ୍ୟାବିନ ନିକଟ ଆଦି ସ୍ଥାନମାନଙ୍କରେ ଠିଆହୋଇ ଗାଡ଼ିକୁ ଅପେକ୍ଷା କରୁଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ନିହାତି ପକ୍ଷେ ଏକ ବସ୍‌ଷ୍ଟାଣ୍ଡ ଆବଶ୍ୟକ ବୋଲି ଗ୍ରାମର ଗୌରୀ ଦେହୁରୀ, ସାବିତ୍ରୀ ଖଣ୍ଡେଇ, ଅନ୍ନପୂର୍ଣ୍ଣା ଦେହୁରୀ, ରେବତୀ ଦେହୁରୀ, ଶାନ୍ତି ସେନାପତି, ଗୁରୁବାରୀ ସେନାପତି, ପ୍ରଫୁଲ୍ଲ ଖଣ୍ଡେଇ, କୁଞ୍ଜ ଖଣ୍ଡେଇ, ବିରଞ୍ଚି ନାଇକ, ଅମୁଲ୍ୟ ଦେହୁରୀ, କବି ସେନାପତି, କୁନା ଦେହୁରୀ, ମୁନ୍ନା ଦେହୁରୀ, ପ୍ରିତମ ନାଇକ, ହୃଷୀକେଶ ଖଣ୍ଡେଇ, ଗୋପାଳ ଦେହୁରୀ, ଗୋଲକ ଦେହୁରୀ, ଦ୍ରୌପଦୀ ଦେହୁରୀ, ଶୁଶୀଳା ଖଣ୍ଡେଇ, କହ୍ନେଇ ଦେହୁରୀ, ମାଳ ଦେହୁରୀ, ସନ୍ତୋଷ ଦେହୁରୀ ପ୍ରମୁଖ କହିବା ସହ ଏଠାରେ ତୁରନ୍ତ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି କରିଛନ୍ତି।

## ନିର୍ମାଣ ହେବ ୭୫ ଫୁଟ ଉଚ୍ଚର ଶ୍ରୀରାମଙ୍କ ପ୍ରତିମୂର୍ତ୍ତି



**କେନ୍ଦୁଝର,୧୦।୧୧(ସମିସ):** କପିଳେଶ୍ୱରର ସାଂସ୍କୃତିକ ପରିଷଦ ପକ୍ଷରୁ ୭୫ ଫୁଟ ଉଚ୍ଚତାର ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସହର ନିକଟ ନରଣପୁରସ୍ଥିତ ଟାଙ୍ଗର ପଳସାର ଘଡ଼ଘଡ଼ି କପିଳେଶ୍ୱରର ଶିବ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ନାଏକ ତଥା ପରିଷଦ ସଭାପତି ବିଜୟ କୁମାର ମହାନ୍ତି ଉପସ୍ଥିତ ରହି ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଶିଳାନ୍ୟାସ କରିଥିଲେ। ପ୍ରସ୍ତାବିତ ପ୍ରତିମୂର୍ତ୍ତିକୁ ୨ବର୍ଷ ମଧ୍ୟରେ ପୂର୍ଣ୍ଣ ରୂପ ଦେବା ପାଇଁ ପରିଷଦର କାର୍ଯ୍ୟକର୍ତ୍ତାମାନେ ଦୃଢ଼ ଆଶା ରଖିଥିବା ପ୍ରକାଶ କରିଛନ୍ତି। ଏହି ପ୍ରତିମୂର୍ତ୍ତି ଓଡିଶାରେ ପ୍ରଭୁ ରାମଙ୍କ ସର୍ବବୃହତ ପ୍ରତିମୂର୍ତ୍ତି ହେବ ବୋଲି ସେମାନେ କହିଛନ୍ତି। ପୂର୍ବରୁ ଏହି କପିଳେଶ୍ୱର ମନ୍ଦିର ପରିସରରେ ୪୫ ଫୁଟ୍ ଉଚ୍ଚର ଅର୍ଦ୍ଧ ନାରୀଶ୍ୱର ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବା ପରେ ଏହି ସ୍ଥାନକୁ ଭକ୍ତଙ୍କ ସମାଗମ ବୃଦ୍ଧି ହେବାରେ ଲାଗିଛି। ପ୍ରଭୁ ଶ୍ରୀରାମଙ୍କ ବୃହତ ଉଚ୍ଚତାର ଏହି ପ୍ରତିମୂର୍ତ୍ତି ହେଲେ ସାରା ଓଡିଶାର ରାମ ଭକ୍ତଙ୍କ ଆକର୍ଷଣର କେନ୍ଦ୍ର ଏହି ସ୍ଥାନ ହେବ ବୋଲି କପିଳେଶ୍ୱରର ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ମାନେ ଆଶା ରଖିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହିତ କପିଳେଶ୍ୱର ସଂସ୍କୃତିକ ପରିଷଦର ସମ୍ପାଦକ ଗୌରଚନ୍ଦ୍ର ନାଏକ ଏବଂ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

● ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା

## ଅଧଘଣ୍ଟା ଅଟକିଲା ଆମ୍ବୁଲାନ୍ସ



**କେନ୍ଦୁଝର, ୧୦।୧୧ (ସମିସ):** ରବିବାର ସନ୍ଧ୍ୟାରେ କେନ୍ଦୁଝର ସହରର କୋର୍ଟଛକ ଠାରୁ ଶିରିପୁର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ବ୍ୟାପକ ଟ୍ରାଫିକ ସମସ୍ୟାରେ ପଡି ଲୋକେ ଘଣ୍ଟାଏରୁ ଅଧିକ ସମ୍ୟ ଅଣନିଃଶ୍ୱାସୀ ହୋଇପଡ଼ୁଛନ୍ତି। ଅବସ୍ଥା ଏଭଳି ଯେ ରୋଗୀନେଇ ଯାଉଥିବା ଆମ୍ବୁଲାନ୍ସ ମଧ ଯାଇପାରିଲା ନାହିଁ। ସନ୍ଧ୍ୟା ହେଲା ପର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ପୁଲିସ କର୍ମଚାରୀ କମିଯିବ ଏହାର ମୁଖ୍ୟ କାରଣ ହେଉଛି। ପରିସ୍ଥିତି ଏପରି ହେଲା ସହରର କିଛି ସ୍ୱେଚ୍ଛାସେବୀ ଯୁବକ ଟ୍ରାଫିକରେ ଗାଡିମୋଟରକୁ ଲାଇନ୍‌ରେ ଯିବାକୁ ସହଯୋଗ କରିଥିଲେ। ପାଖାପାଖି ଏକ ଘଣ୍ଟା ଏଭଳି ସମସ୍ୟାରେ ସହରବାସୀ ପଡି ହଇରାଣ ହେବା କେବେ ଦେଖାଯାଏ ନାହିଁ। ପୁଲିସ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

● ବାଙ୍ଗୋର ଓଏମ୍‌ସିର କ୍ରୋମାଇଟ୍ ପରିବହନ ବିବାଦ

## ବାହାରୁନି ସମାଧାନ; ବଢୁଛି ଅସନ୍ତୋଷ

**ସୋସୋ,୧୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବାଙ୍ଗୋର ପଞ୍ଚାୟତରେ ଥିବା ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣିରୁ କ୍ରୋମାଇଟ ପରିବହନକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତର ଟ୍ରକ୍ ମାଲିକ ଅଧିକ ମାତ୍ରାରେ ଲୋଡିଂ ପାଇଁ ଦାବି କରି ପରିବହନକୁ ବନ୍ଦ କରିଛନ୍ତି।

ଖବରରୁ ଜଣାଯାଇଛି ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ରହିଛନ୍ତି। ଓଏମ୍‌ସିରୁ ପରିବହନ ହେଉଥିବା କ୍ରୋମାଇଟ ଏହି ଦୁଇ ପଞ୍ଚାୟତରୁ ଅଧିକ ମାତ୍ରାରେ ଟ୍ରକ୍ ମାଲିକଙ୍କ ଗାଡ଼ି ଲୋଡିଂ କରିବାକୁ ଦାବି କରି ଗତ ଅକ୍ଟୋବର ୮ ତାରିଖଠାରୁ ବନ୍ଦରହିଛି। କିନ୍ତୁ ଏଯାବତ୍ ତାର ସମାଧାନ ହୋଇପାରୁନାହିଁ। ଏହାକୁ ନେଇ ଦୁଇ ଦିନ ତଳେ ବାଙ୍ଗୋରଠାରେ ବଉଳା ଜୋନର ଟ୍ରକ୍ ମାଲିକମାନଙ୍କୁ ନେଇ ବୈଠକ ହୋଇଥିଲା। ଏଥିରେ ବଉଳା ଟ୍ରକ୍‌ମାଲିକ ସଂଘର ସଭାପତି ରମାକାନ୍ତ ନାୟକ, ସୋମନାଥ ଦାସ ସମେତ୍ ଟ୍ରକ ମାଲିକମାନେ ଉପସ୍ଥିତ ରହିଥିଲେ। ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତର ଟ୍ରକ୍‌ମାଲିକମାନେ ଏହି ଦୁଇ ପଞ୍ଚାୟତର କ୍ରୋମାଇଟ ଖଣି ଥିବାରୁ ବହୁ ଗାଁ ଲୋକଙ୍କର ଚାଷ ଜମି ଓ ଜମି ହରାଇଛନ୍ତି। ଯାହାକୁ ନେଇ ସେହି ଦୁଇ ପଞ୍ଚାୟତର ଅଧିକ ଲୋଡିଂ ଭାଗ ଦେବାକୁ ଦାବି କରି ଅଟଳ ରହିଥିଲେ। ଯାହାକୁ ନେଇ କୌଣସି ସମାଧାନ ବାହାରି ପାରିନଥିଲା। ଏକମାସ ଧରି ଏହାର ସୂତ୍ର ବାହାରି ପାରିନଥିବାରୁ ବହୁ ଗରିବ ଗାଡ଼ି ମାଲିକ ଚିନ୍ତାରେ ପଡିଛନ୍ତି। କିଛି ମାଲିକଙ୍କର ଗାଡ଼ି କିସ୍ତି ଓ ଅନାନ୍ୟ କାଗଜପତ୍ର କରିବାରେ ବାଧା ସୃଷ୍ଟିକରିଛି। ସୂଚନାଯୋଗ୍ୟ, ବଉଳା ଜୋନରେ ଥିବା ଟ୍ରକ୍ ମାଲିକ ପଡିଆରୀପଲ୍ଲି, ବାଲିବରେଇ, ସୋସୋ ଆଦି ପଞ୍ଚାୟତର ମାଲିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ୫/୬ଟି ପଞ୍ଚାୟତକୁ ନେଇ ବଉଳା ଜୋନ୍ ଗଠିତ ହୋଇଥିବା ବେଳେ ଏହି ଦୁଇ ପଞ୍ଚାୟତ ଅଧିକ ଲୋଡିଂ ପାଇବା ଦାବି କରିବା ଠିକ୍ ନୁହେଁ ବୋଲି କହିଥିଲେ। ଯଦି ଏହାର ସମାଧାନ ନହୁଏ ଟ୍ରକ୍‌ମାଲିକଙ୍କ ମଧ୍ୟରେ ଦୁଇ ଗୋଷ୍ଠୀ ସୃଷ୍ଟି ହେବା ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଶଙ୍କା ପାଉଛି।

## ପ୍ରାଧ୍ୟାପକ ଶିଶିର ବେହେରାଙ୍କୁ 'ବୈତରଣୀ ପ୍ରବନ୍ଧ ସମ୍ମାନ'

**ବାରିପଦା,୧୦।୧୧(ସମିସ):** ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଡ. ଶିଶିର ବେହେରାଙ୍କୁ ତାଙ୍କର ସାରସ୍ୱତ ଜଗତ ପାଇଁ ଅବିସ୍ମରଣୀୟ କାର୍ଯ୍ୟ ପାଇଁ 'ବୈତରଣୀ ପ୍ରବନ୍ଧ ସମ୍ମାନ-୨୦୨୪' ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲା ସଂସ୍କୃତି ବିଭାଗ କେନ୍ଦୁଝର ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଆନନ୍ଦପୁର ମହାବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ''ପ୍ରଥମ ବୈତରଣୀ ସାହିତ୍ୟ ଉତ୍ସବ -୨୦୨୪'ରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଆନନ୍ଦପୁର ଉପଜିଲ୍ଲାପାଳ



ଫାଲଗୁନୀ ମାଝୀ, କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାରର ପ୍ରଫେସର ବିଜୟାନନ୍ଦ ସିଂହ, କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ବାରିକ, ଓଏମ୍‌ସି ସିଏସ୍‌ଆର୍ ମୁଖ୍ୟ ଚନ୍ଦନ କୁମାର ବାରିକ, ଆନନ୍ଦପୁର ମହାବିଦ୍ୟାଳୟ ଅଧକ୍ଷ ନାରାୟଣ ମିଶ୍ର, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀଲେଖା ସାହୁ, ଆୟୋଜକ ତ୍ରିଲୋଚନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ସଦ୍‌ଗୁରୁ ଶିବମୁନିଙ୍କର ଜୟନ୍ତୀ ପାଳିତ

**ତୁରୁମୁଙ୍ଗା,୧୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ପଞ୍ଚାୟତ ମୁରୁସୁଆଁ ସ୍ଥିତ ମୁନି ସମାଜ ଆନୁକୁଲ୍ୟରେ ଏକ ଆଧ୍ୟାତ୍ମିକ ସତ୍‌ସଙ୍ଗ ଯୋଗାଚାର୍ଯ୍ୟ ତ୍ରିଲୋଚନ ମୁନିଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯୋଗାଚାର୍ଯ୍ୟ ମୀନକେତନ ମୁନି, ଯୋଗୀ ଭୂଜବଳ ମୁନି, ମୁନିରାଜ ସନାତନ ମହାନ୍ତ, ବୈଷ୍ଣବ ଚରଣ ମହାନ୍ତ, ଯୋଗୀ ଜ୍ଞାନେନ୍ଦ୍ର କୁମାର ମୁନି, ଯୋଗୀ ଅରୁଣ କୁମାର ମୁନି ଯୋଗଦେଇ ଯୋଗ, ସ୍ୱାସ୍ଥ୍ୟ, ଆବ ଜ୍ଞାନ ଓ ସ୍ୱତନ୍ତ୍ର ବିଚାର ସମ୍ବଳିତ ପ୍ରବଚନ ପ୍ରଦାନ କରିଥିଲେ।



ମୁନିରାଜ ବିରେନ୍ଦ୍ର କୁମାର ସାହୁ ଓ ସାଥୀମାନେ ଆଧ୍ୟାତ୍ମିକ ସଂଗୀତ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଯୋଗୀ ବିଶ୍ୱାମିତ୍ର ମୁନି, ଯୋଗୀ ଜ୍ଞାନେନ୍ଦ୍ର କୁମାର ମୁନି ଏବଂ ମୁନି ଦୁଃଶାସନ ସାହୁଙ୍କୁ 'ମୁନି ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିକଟସ୍ଥ ଅଞ୍ଚଳର ବହୁ ସଂଖ୍ୟକ ମୁନି, ମୁନିମତୀ ଏବଂ ଜିଜ୍ଞାସୁ ଜନାର୍ଦ୍ଦନ ସତ୍‌ସଙ୍ଗ ସଭାରେ ଯୋଗଦାନ କରିଥିଲେ। ସର୍ବଶେଷରେ ମୁନିରାଜ ରବିନ୍ଦ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ

**ତୁରୁମୁଙ୍ଗା,୧୦।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ କାଳିପଡିଆ ଠାରେ ଶୁକ୍ରବାର ଗିରିଜା ଶଙ୍କର କଳା ମଞ୍ଚ ପକ୍ଷରୁ ଅଞ୍ଚଳର ବଛା ବଛା କଳାକାରମାନଙ୍କୁ ନେଇ ଏକ ସାମାଜିକ ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ନାଟକ ମଞ୍ଚସ୍ଥ ହୋଇଯାଇଛି। ଗ୍ରାମାଞ୍ଚଳରେ ଥିବା ଯୁବକମାନଙ୍କ ଲୁକ୍କାୟିତ କଳାକୁ ଲୋକଲୋଚନକୁ ଆଣିବା ପାଇଁ ଗିରିଜା ଶଙ୍କର ଯାତ୍ରା ମଞ୍ଚ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିଲା। ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶନା ମଞ୍ଚସ୍ଥ ନାଟକରେ ଡିକେ ମ୍ୟୁଜିକ ପଡୁଆର ରମାକାନ୍ତ ମହାନ୍ତ ପରିଚାଳନା କରିଥିଲେ। ସଭାପତି ସୁବଳ ସାହୁ କୋଷାଧକ୍ଷ ଅଞ୍ଜନ କୁମାର ପୃଷ୍ଟି ଏବଂ ଆୟଜକ କମିଟିର ପ୍ରତକ୍ଷ ତତ୍ତ୍ୱାବଧାନରେ ନାଟକର ମୁଖ୍ୟ ଖଳନାୟକ ଭାବରେ ମୁନା ସେଠୀ, ମୁଖ୍ୟ ଚରିତ୍ର ଅଭିନେତା ରାକେଶ କୁମାର ସାହୁ, ନାୟିକା ଭାବେ ମାନି ଓ ସ୍ନେହା ଅଭିନୟ କରିଥିଲେ। ହାସ୍ୟ ଅଭିନେତା ଚିନ୍ମୟୀ ମହାନ୍ତ ଓ ଅଭିନେତ୍ରୀ ମାମାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ସରଗରମ ମୁଗ୍ଧ କରିଥିବା ବେଳେ ଅଞ୍ଜନ କୁମାର ପୃଷ୍ଟି, ବିରେନ କୁମାର ସେଠୀ, ମାମାଙ୍କ ଅଭିନୟ ଖୁବ ଚିତ୍ତାକର୍ଷକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରଜବନ୍ଧୁ ନାଏକ, ହେମନ୍ତ କାରୁଆ, ଦିଲ୍ଲୀପ ଖାଟୁଆ, ନନ୍ଦ ସିଂ, ପହଲା ନାଏକ, ବୁଲା ସାହୁ, ରବିନ୍ଦ୍ର ମହାନ୍ତ, ବଳିଆ ପାତ୍ର, ଜଗନ୍ନାଥ ଲୋହାର, ବସନ୍ତ ବାରିକ, ଅଭିନ୍ନସୁନ୍ଦର ସାହୁ, ଗଣେଶ୍ୱର ମହାନ୍ତ ପ୍ରମୁଖ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ।







## ୪ ଅତିରିକ୍ତ ଏସ୍‌ପି ନିଯୁକ୍ତି, ବଦଳିଲେ ୨ ଏସ୍‌ଡିପିଓ

**ବାରିପଦା/ବେତନଟୀ, ୧୦।୧୧(ସମିସ):** ରାଜ୍ୟ ଗୃହ ବିଭାଗ ପକ୍ଷରୁ ଓପିଏସ ସ୍ତରରେ ପଦୋନ୍ନତି ପୂର୍ବକ ଅଦଳବଦଳ ହୋଇଛି। ବେତନଟୀ ଏସଡିପିଓ ସୁଦର୍ଶନ ଦାଶଙ୍କୁ କଟକ-ଭୁବନେଶ୍ୱର କମିଶନରେଟ ପୁଲିସର ଅତିରିକ୍ତ ଡିସିପି, ଯାଜପୁର ଜିଲ୍ଲାର ପିସିଆର ଡିଏସପି ସବିତା ମାଝୀଙ୍କୁ ମୟୂରଭଞ୍ଜ ଜିଲ୍ଲାର ଆଇୟୁସିଏଡବ୍ଲୁ ଅତିରିକ୍ତ ଏସପି, ପୁଲିସ ମୁଖ୍ୟାଳୟର ଡିଏସପି ଦୀପକ କୁମାର ଗୋଛାୟତଙ୍କୁ ମୁଖ୍ୟାଳୟ ଅତିରିକ୍ତ ଏସପି, କମିଶନରେଟ ପୁଲିସ ଏଏସପି ଗୌତମ କିଷାନଙ୍କୁ ମୟୂରଭଞ୍ଜ ଡିଆଇବି ଅତିରିକ୍ତ ଏସପି, ଉଦଳା ଏସଡିପିଓ ସାର୍ଥକ ରାୟଙ୍କୁ ବୌଦ୍ଧ ଜିଲ୍ଲା ଅତିରିକ୍ତ ଏସପି, ସମ୍ବଲପୁର ଅତିରିକ୍ତ ଏସପି ନାରାୟଣ ନାୟକଙ୍କୁ ରାଇରଙ୍ଗପୁର ଅତିରିକ୍ତ ଏସପି, ରାଇରଙ୍ଗପୁର ଅତିରିକ୍ତ ଏସପି ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ପୁରୀ ଶ୍ରୀମନ୍ଦିର ସୁରକ୍ଷା ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି।

## ବିଶ୍ୱହିନ୍ଦୁ ପରିଷଦ ତେଲକୋଇ ପ୍ରଖଣ୍ଡର ବାର୍ଷିକ ବୈଠକ

**ତେଲକୋଇ,୧୦।୧୧(ସମିସ):** ବିଶ୍ୱହିନ୍ଦୁ ପରିଷଦ ତେଲକୋଇ ପ୍ରଖଣ୍ଡ ପକ୍ଷରୁ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ କେନ୍ଦୁଝର ଜିଲ୍ଲାର ବିଶ୍ୱହିନ୍ଦୁ ପରିଷଦର ସଭାପତି ତୁଷାରକାନ୍ତ ସାମଲ, ଜିଲ୍ଲା ସାଧାରଣ ସମ୍ପାଦକ ସପ୍ନେଶ୍ୱର୍ ସାହୁ, ଜିଲ୍ଲା କାର୍ଯ୍ୟାଳୟ ପ୍ରମୁଖ ଓ ନଗରର ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତି, ରାଜ୍ୟ ମଜଦୂର ସଂଘ ଉପ ସଭାପତି ଡାକ୍ତର ମହାନ୍ତ, ତେଲକୋଇ ବ୍ଲକ ସଂଘ ଚାଳକ ଖଗେଶ୍ୱର ମହାନ୍ତ, ସଭାପତି ବିଜୟ କୁମାର ପ୍ରଧାନ, ସମ୍ପାଦକ ବିପିନି ବିହାରି ସାହୁ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ ସଭାରେ ବିଶ୍ୱହିନ୍ଦୁ ପରିଷଦ ତେଲକୋଇ ର ଉପସଭାପତି ମିତ୍ରଭାନୁ ନାଏକ ବୈଠକର ଆହ୍ୱାନ ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରାମ ସ୍ତରରେ ଧର୍ମ ଭାବନା ଜାଗ୍ରତ, ହିନ୍ଦୁତ୍ୱ ନୀତିକୁ ନିଷ୍ଠାର ସହିତ ପାଳନ, ସତସଂଘ ପରିଚାଳନା ଓ କୀର୍ତ୍ତନ ମାଧ୍ୟମରେ ଅଧ୍ୟାମକ ଭାବନା ଜାଗ୍ରତ କରାଇବା ପାଇଁ ସପ୍ନେଶ୍ୱର ସାହୁ, ତୁଷାରକାନ୍ତ ସାମନ୍ତ ଓ ଖଗେଶ୍ୱର ମହାନ୍ତ ଆଲୋକପାତ କରିଥିଲେ। ବୈଠକର ଶେଷ ଭାଗରେ ସଙ୍କୀର୍ତ୍ତନ ମାଧ୍ୟମରେ ସମାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତେଲକୋଇ ବଜରଙ୍ଗ ଦଳ ପ୍ରମୁଖ ଦୁର୍ଯ୍ୟୋଧନ ମହାନ୍ତ, ହଟକିଶୋର ସାହୁ, କ୍ଷିରୋଦ ସାହୁ, ବିଜୟ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଟିପ୍ପର ଓ ଟ୍ରାକ୍ଟର ମାଲିକ ସଂଘ ଅନିର୍ଦ୍ଦିଷ୍ଟ ଧର୍ମଘଟରେ

## ନିର୍ମାଣ ସାମଗ୍ରୀ ଯୋଗାଣ ଠପ୍, ବିଧାୟକଙ୍କୁ ସ୍ମାରକପତ୍ର

**ବେତନଟୀ/ବୈଶିଙ୍ଗା, ୧୦।୧୧ (ସମିସ):** ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ଲଘୁଖଣିଜ ଉତ୍ତୋଳନ ତଥା ପରିବହନ ସମୟରେ ରାଜ୍ୟସରକାରଙ୍କ ସଂଶୋଧିତ ଆଇନ ଅନୁଯାୟୀ ମାଇନିଂ ଡିପାର୍ଟମେଣ୍ଟ ପକ୍ଷରୁ ଏଣିକି ଟ୍ରାକ୍ଟର ଏବଂ ଟିପ୍ପର ମାନଙ୍କରୁ ଲକ୍ଷଲକ୍ଷ ଟଙ୍କାର ଜରିମାନା ଆଦାୟ ନିଷ୍ପତ୍ତିକୁ ବିରୋଧକରି ରାଜ୍ୟବ୍ୟାପୀ ଟିପ୍ପର ଓ ଟ୍ରାକ୍ଟର ଓନର ଏସୋସିଏସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଆରମ୍ଭ ହୋଇଛି। ଫଳରେ ଆଜିଠାରୁ ଜିଲ୍ଲାସଂଘ ସମେତ ବେତନଟୀ ବ୍ଲକ ସଂଘ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ବେତନଟୀ ଏବଂ ବୈଶିଙ୍ଗା ସଂଘ ପକ୍ଷରୁ ରବିବାର ବଡସାହି ବିଧେୟକ ସନାତନ ବିଜୁଳିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ୧୧ ଦଫା ଦାବି ପୂରଣ ବିଷୟରେ ଉଲ୍ଲେଖ କରାଯାଇଛି। ଧର୍ମଘଟ ପରିପ୍ରେକ୍ଷୀରେ ବେତନଟୀ, ବୈଶିଙ୍ଗା, ଦାନ୍ତିଆମୁହାଁ, ଲଙ୍ଗଳକଟା, ବୁଢ଼ୀଖମାରୀ ସମେତ ବିଭିନ୍ନ ସ୍ଥାନରେ ଘରନିର୍ମାଣ ସାମଗ୍ରୀ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଦେଖାଯାଇଛି।



ଜିଲ୍ଲାରେ ବଢ଼ିଚାଲିଛି ଗଞ୍ଜେଇ କାରବାର

## ଦୁଇ ଦିନରେ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଧରିଲାଣି ପୁଲିସ

**ବାରିପଦା, ୧୦।୧୧(ସମିସ)**

**ଦୁଇ କାର୍ ଜବତ, ୪ ଗିରଫ**



ମୟୂରଭଞ୍ଜ ଜିଲ୍ଲାରେ ଗଞ୍ଜେଇ ଚୋରା କାର୍‌ବାର ବୃଦ୍ଧି ପାଉଛି। ରବିବାର ଅପରାହ୍ଣରେ ବାଙ୍ଗିରିପୋଷି ଥାନା ପୁଲିସର ପାଟ୍ରୋଲିଂ ଟିମ୍ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ଏକ କାର୍‌କୁ ଜବତ କରିଛନ୍ତି। ଏହି ଘଟଣାରେ କଟକ ଜିଲ୍ଲାର ମାଣିଆବନ୍ଧ ଥାନା କାଶୀକିଆରୀ ଗ୍ରାମର କୁନା ସେଟ୍ (୩୦) ଓ ବେଣୁଧର ପ୍ରଧାନ (୨୬)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଏସଡିପିଓ ସୁଜିତ ପ୍ରଧାନଙ୍କ ସୂଚନା ଅନୁସାରେ, ୪୯ ନଂ ଜାତୀୟ ରାଜପଥରେ ଏକ କାରକୁ ଅଟକାଇ ଯାଞ୍ଚ କଲା ପରେ ୩ଟି ବସ୍ତାରୁ ୧ କୁଇଣ୍ଟାଲ ୧୬ କିଲୋ ୯୭୦ଗ୍ରାମ ଗଞ୍ଜେଇ ମିଳିଥିଲା। ଚାଳକ ଓ ସହଯୋଗୀ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ଟିମ ଉଭୟଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। କାରକୁ ଘଟଣାସ୍ଥଳରୁ ଏକ କ୍ରେନ୍ ସାହାଯ୍ୟରେ ବାଙ୍ଗିରିପୋଷି ଥାନାକୁ ଅଣାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂଚନା ଦେଇଛି। ଏହି ମାମଲାରେ ଉକ୍ତ କାର (ଓଡି ୦୨ ବିଟି ୭୨୯୩) ସହ ୨ହଜାର ଟଙ୍କା ଓ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ବାରିପଦାରୁ ଶନିବାର ଏକ ଗଞ୍ଜେଇ ବୋଝେଇ ଇନୋଭା କାରକୁ ଜବତ କରାଯାଇଥିଲା। ୨ଦିନରେ ଦେଢ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ ହୋଇଛି। ଏପରି ଚୋରା ଚାଲାଣ ଘଟଣାର ମୂଳ ପର୍ଯ୍ୟନ୍ତ ଯାଇ କିଙ୍ଗପିନ୍‌କୁ ଗିରଫ ପାଇଁ ପୁଲିସ ବିଭାଗ କାର ମାଲିକ, ଚାଳକ ଓ ଅଭିଯୁକ୍ତଙ୍କ ମୋବାଇଲ ଫୋନ କଲ ରେକର୍ଡ ସହ ବ୍ୟାଙ୍କ ଡିଟେଲ୍ସ ଯାଞ୍ଚ ଆରମ୍ଭ କରିଛି। ଅପରପକ୍ଷରେ ବାରିପଦାରୁ ଜବତ ଇନୋଭା କାର ମାଲିକ ତାଙ୍କ କାର ଚୋରି ନେଇ ଟାଉନ ଥାନାରେ ଦିନକ ପୂର୍ବରୁ ଏତଲା ଦେଇଛନ୍ତି। ଚାଳକ ଜଣଙ୍କ ପରିବାର ଲୋକଙ୍କୁ ନେଇ ଡାକ୍ତରଖାନା ଯିବ କହି ଉପରୋକ୍ତ କାରବାରରେ ଧରାପଡିଛି। ତେବେ, ବାହାର ଜିଲ୍ଲାରୁ ମୟୂରଭଞ୍ଜ ଜିଲ୍ଲାକୁ ଗଞ୍ଜେଇ ବେପାରୀଙ୍କ ଚେର ଲମ୍ବିଥିବା ଏହି ଘଟଣା ପରେ ସ୍ପଷ୍ଟ ହେବାରେ ଲାଗିଛି।

## ଉଦଳାକୁ ପୌର ପରିଷଦ ମାନ୍ୟତା ପ୍ରସଙ୍ଗ

# ମନ୍ତ୍ରୀଙ୍କ ଘୋଷଣା ପରେ ଆଶା ସଞ୍ଚାର: ଆଗ୍ରହରେ ସ୍ଥାଣୁତା

**ଉଦଳା, ୧୦।୧୧(ସମିସ)**

କପ୍ତିପଦା ଉପଖଣ୍ଡ ତଥା ଉଦଳା ନିର୍ବାଚନମଣ୍ଡଳୀର ଏକମାତ୍ର ସହରାଞ୍ଚଳ ଉଦଳା ଏନଏସିକୁ ପୌର ପରିଷଦ ମାନ୍ୟତା ନ ମିଳିବା ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ୫୦ ବର୍ଷର ସହରକୁ ମାନ୍ୟତା ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ହେଉଛି। ତେବେ, ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ୨୦ ହଜାର ଜନସଂଖ୍ୟା ଏନଏସିକୁ ପୌରାଞ୍ଚଳ ମାନ୍ୟତା ମିଳିବ ବୋଲି ଘୋଷଣା ପରେ ପୁଣି ଉଦଳା ସହରରେ ଆଶା ସଞ୍ଚାର ହୋଇଛି।

୧୯୭୩ରେ ଉଦଳା ଏନଏସି. ଗଠନ ହୋଇ ଆଜକୁ ୫୧ ବର୍ଷ ବିତିଯାଇଛି। ହେଲେ ସହର ଏବେ ଏକ ପୁରୁଣା କାଳିଆ ବଜାର ସ୍ଥିତିରେ ଅବହେଳିତ ଅବସ୍ଥାରେ ରହିଛି। ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ କଂଗ୍ରେସ ୩ଥର, ବିଜେଡି ୨ଥର (ବିଜେଡି ୧ ଥର ଜନତା ଦଳ ୧ ଥର) ଓ ବିଜେପି ଶେଷ ୩ ଥର ଶାସନ ହାତେଇଛନ୍ତି। ସହରର ମୁଖ୍ୟ ସମାସ୍ୟା ମଧ୍ୟରେ ରାସ୍ତାଘାଟ, ଜଳ ନିଷ୍କାସନ ବ୍ୟବସ୍ଥା, ପାନୀୟଜଳ, ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ ପ୍ରମୁଖ ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ସହରର ମୁଖ୍ୟ ପ୍ରସଙ୍ଗ ହୋଇ ଏବେବି ରହିଛି। ଶିମିଳିପାଳର ପୂର୍ବ ପାଦଦେଶରେ ଥିବା ଏହି ଛୋଟ ସହରର ନବକଳେବର କେବେ ହେବ ଏନେଇ ନା ବିଧାୟକ, ସାଂସଦ, ନଗରପାଳ ତଥା ଲୋକପ୍ରତିନିଧିଙ୍କ ପାଖରେ ଉତ୍ତର ଅଛି ନା କୌଣସି ରାଜନୈତିକ ଦଳ ପାଖରେ କିଛି ଯୋଜନା ଅଛି। ସହରର ବାସ୍ତବ ବିକାଶ ନେଇ ଥିବା ଦାବି ସମୂହଗୁଡିକ ମଧ୍ୟରେ ପ୍ରବେଶ ପଥରେ ପରିଚୟ ଫଳକ, ବାଇପାସ ରୋଡ୍ ନିର୍ମାଣ, ମାଷ୍ଟାର ଡ୍ରେନ ନିର୍ମାଣ, ଟାଉନ ପ୍ଲାନିଙ୍ଗ ଜରିଆରେ ଉଦଳା ସହରର ଆଧୁନିକୀକରଣ, ଆଧୁନିକ ଟ୍ରାଫିକ୍‌ବ୍ୟବସ୍ଥା, ଶିଶୁ ଉଦ୍ୟାନ ସାଙ୍ଗକୁ ସହରବାସୀଙ୍କ ମନୋରଞ୍ଜନ ପାଇଁ ପାର୍କ, ପାନୀୟଜଳର ସୁବ୍ୟବସ୍ଥା, ପାର୍କିଂ ସ୍ଥାନ, ଆଲୋକ ବ୍ୟବସ୍ଥା, ଆଧୁନିକ ବସ ଟର୍ମିନାଲ ନିର୍ମାଣ, ଶବଦାହ କେନ୍ଦ୍ର ସ୍ଥାପନା ଆଦି ରହିଛି। କେବଳ ନାଁକୁ ମାତ୍ର ସହର, ହେଲେ ଅସଲରେ କିନ୍ତୁ ସହରୀ ଛାପ ଏଠାରେ ଦେଖିବାକୁ ମିଳେନି। କେବଳ ଠିକାଦାରୀ ତୁଷ୍ଟୀକରଣରେ ସହରର ବିକାଶ ଚାଲିଥିବା ବେଳେ ରାଜନୈତିକ ଦଳମାନଙ୍କ ମଧ୍ୟରେ ଆନ୍ତରିକତା ଓ ସମନ୍ୱୟ ନଥିବା କାରଣରୁ ଉଦଳା ସହର ଆଜି ୫୧ ବର୍ଷ ପରେ ବି ପୌରପରିଷଦ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଆସୁଛନ୍ତି ସହରବାସୀ। ସହରର ବିକାଶ ଓ ପୌରପରିଷଦ ମାନ୍ୟତା ପ୍ରସଙ୍ଗ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଆଦୌ ଆଗ୍ରହ ନଥିବାବେଳେ ଏବେ ଅଣ ରାଜନୈତିକ ସଂଗଠନଗୁଡିକ ଏହି ପ୍ରସଙ୍ଗ ନେଇ ମୁଣ୍ଡ ଟେକୁଛନ୍ତି। ତେବେ, ମୋହନ ସରକାର ନିକଟରେ ଏନେଇ ଦାବି ମଧ୍ୟ ଉପସ୍ଥାପିତ ହୋଇପାରି ନାହିଁ।

**ବାସ୍ତବ ଲୋକସଂଖ୍ୟା ୩୦ ହଜାର ଟପିଲାଣି, ଖାତାରେ ୧୩ ହଜାର ୧୫୨**







ଉଦଳା ସହରରେ ଲୋକସଂଖ୍ୟା ୩୦ ହଜାର ଟପିଥିବା ବେଳେ ଖାତାରେ ମାତ୍ର ୧୩ହଜାର ୧୫୨ରେ ସୀମିତ ହୋଇରହିଛି। ବିଶେ କରି ସହରର ପାର୍ଶବର୍ତ୍ତୀ ପଞ୍ଚାୟତରୁ ଶତାଧିକ ବାସିନ୍ଦା ସହରରେ ସବୁ ସମୟରେ ରହି ସହରାଞ୍ଚଳର ସମସ୍ତ ସୁବିଧା ସୁଯୋଗ ନେଉଛନ୍ତି। ହେଲେ ରାସନ ହେଉ କି ମତଦାନ କିମ୍ବା ଅନ୍ୟାନ୍ୟ ଗ୍ରାମାଞ୍ଚଳ ସୁବିଧା ସୁଯୋଗ ଲୋଭରେ କେବଳ ପଞ୍ଚାୟତରେ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଫଳରେ ଲୋକସଂଖ୍ୟା ଖାତାରେ ବଢ଼ିପାରୁନି। ଏନେଇ ସ୍ୱତନ୍ତ୍ର ସର୍ଭେର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି। ଅପରପକ୍ଷରେ କ୍ଷମତାର ରହୁଥିବା ନେତୃତ୍ୱ ହୁଅନ୍ତୁ କି ରାଜନୈତିକ ଦଳ କ୍ଷମତା ପାଇସାରିବା ପରେ ସହରର ବାସ୍ତବ ବିକାସ ପ୍ରସଙ୍ଗ ଭୁଲି କେବେଳ ଭାଷଣବାଜିରେ ସହରର ବିକାଶକୁ ବଖାଣୁଛନ୍ତି। ଆଗାମୀ ଦିନରେ ସହର ବିକାଶ ତଥା ପୌର ପରିଷଦର ମାନ୍ୟତା ଦିଗରେ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ସ୍ୱର ଉତ୍ତୋଳନର ଆଭାସ ମିଳୁଛି।

## ମା' ଜଗଦ୍ଧାତ୍ରୀଙ୍କ ପୂଜା



**ରାଇରଙ୍ଗପୁର, ୧୦।୧୧(ସମିସ):** ମୂର୍ତ୍ତିଛକ ନିକଟ ମା' ଜଗଦ୍ଧାତ୍ରୀଙ୍କ ପୂଜା ମଣ୍ଡପରେ ପ୍ରତିବର୍ଷ ପରି ଚଳିତବର୍ଷ ୪୦ତମ ମା' ଜଗଦ୍ଧାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଗତ ୮ ତାରିଖ ଶୁକ୍ରବାର ଯଥାବିଧି ଅନୁଯାୟୀ ସପ୍ତମୀପୂଜା ଓ ଘଟ ଉତ୍ତୋଳନ କାର୍ଯ୍ୟ ବଡ଼ଧୁମଧାମରେ କରାଯାଇଥିଲା। ମୁଖ୍ୟ ପୁରୋହିତ ଜନାର୍ଦ୍ଦନ ଦାଶ, ଟିକୁ ହୋତାଙ୍କ ସହ କର୍ତ୍ତା ଭାବେ ସପତ୍ନୀକ ମନୋମଥ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ରବିବାର ମହାନବମୀ ପୂଜା ଅବସରରେ ତୋରଣ ଓ ଲାଇଟ ସଜ୍ଜାରେ ମା' ଜଗଦ୍ଧାତ୍ରୀଙ୍କ ମୂର୍ତ୍ତି ଆକର୍ଷଣୀୟ ହୋଇଥିଲା। ରାଇରଙ୍ଗପୁର ମୂର୍ତ୍ତିଛକ ସୁଶୋଭିତ ଦେଖାଯାଇଥିଲା। ସୋମବାର ମହାଦଶମୀ ପୂଜା, ଅପରାଜିତା ପୂଜା ଓ ବିସର୍ଜନ ପରେ ବୁଧବାର ଭସାଣି ଅନୁଷ୍ଠିତ ହେବ। ପୂଜା କମିଟି ତରଫରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଅନ୍ନ ଭୋଗ ଓ ଖିରି ମାଲପୁଆ ପରିବେଷଣ କରାଯାଇଥିଲା। ସଭାପତି ଧନଗୋବିନ୍ଦ ମହାନ୍ତ, ଉପସଭାପତି ଭାନୁଚରଣ ଦାସ, ସମ୍ପାଦକ ସୂର୍ଯ୍ୟକାନ୍ତ ବେରା, ସହସମ୍ପାଦକ ଗୁନୁ ବେଠା, ସାହିଲ ମହାନ୍ତି, ଶ୍ରୀତମ୍ ମହାନ୍ତି, ଉପଦେଷ୍ଟାମଣ୍ଡଳୀ ରାଜକିଶୋର ମହାପାତ୍ର, ଗୋବିନ୍ଦ ମହାନ୍ତ, ଟୁଟୁଲା ନାଗ ତଥା କାର୍ଯ୍ୟକାରୀ ସଦସ୍ୟ ସହଯୋଗ କରୁଛନ୍ତି।

## ଆନ୍ତଃରାଜ୍ୟ ଫୁଟ୍‌ବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

**ବଡସାହି, ୧୦।୧୧(ସମିସ):** ବଡସାହି ବ୍ଲକ ଭୀମଦା ପଞ୍ଚାୟତ ଟେଙ୍ଗୁଆମଙ୍ଗଳପୁର ଷ୍ଟାଡିୟମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏକ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ଆୟୋଜନ ପାଇଁ ଗାନ୍ଧୀ ସ୍ୱେଚ୍ଛାକୃତ ସଂଗଠନ ପକ୍ଷରୁ ପ୍ରସ୍ତୁତି ହୋଇଛି। ୧୯ତମ ପ୍ରତିଯୋଗିତାରେ ୮ଟି ନାମୀଦାମୀ ଟିମ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଗୁଡ଼ିଆବନ୍ଧ ଓ୍ୱେଷ୍ଟବେଙ୍ଗଲ, ମାରାଣ୍ଡି ଏଣ୍ଡ ମାରାଣ୍ଡି ଝାରଖଣ୍ଡ, ହଦଗଡ଼ କେନ୍ଦୁଝର, ୟୁନାଇଟେଡ କ୍ଲବ ବାଲେଶ୍ୱର, ଜୟ ଶ୍ରୀରାମ କ୍ଲବ ବାଲେଶ୍ୱର, ଶଙ୍ଖଭଙ୍ଗା ବାରିପଦା, ଜଗନ୍ନାଥ ଏଫସି ବାରିପଦା ଏବଂ ରିଟର୍ଣ୍ଣ ଜମାଇ ଏଫସି ବାରିପଦାକୁ ଆମନ୍ତ୍ରଣ କରାଯାଇଛି। ସଂଗଠନର ମୁଖ୍ୟ ସରୋଜ କୁମାର ସିଂ ଓ ଲମ୍ବୋଦର ସିଂଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ରାଜ୍ୟର ନାମୀଦାମୀ ରେଫରୀ ଓ ଲାଇନ୍ସମ୍ୟାନ ମାନେ ଖେଳ ପରିଚାଳନା କରିବେ। ସଂଗଠନ ପକ୍ଷରୁ ବାପି ସିଂ, ମନୋହରୀ, ଚନ୍ଦନ, ମଳୟ, ବଳରାମ, ନାଲୁ ବାବୁ, ଶରତ, ଅଜୟ, ମହେଶ୍ୱର, ପ୍ରଶାନ୍ତ, ଗଣେଶ, ଗୋବିନ୍ଦ, ପାଇକା ରାଉ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଦୌଡ଼କୁଦରେ ମୟୂରଭଞ୍ଜରୁ ୨୫ ସାମିଲ



**ବାରିପଦା, ୧୦।୧୧(ସମିସ):** ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର ଦୌଡ଼କୁଦ ପ୍ରତିଯୋଗିତା ଚଳିତ ନଭେମ୍ବର ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେଉଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ୨୫ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକଙ୍କ ସହ ବାଳକ ଟିମର ୩ ଜଣ ମ୍ୟାନେଜର ଭାବେ ପିଇଟି ସୁଧାରଞ୍ଜନ ମହାକୁଡ଼, ସନ୍ତୋଷ ମହାନ୍ତ ଓ ପ୍ରଦୀପ ଚୌଧୁରୀ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି କବିତା ମହାନ୍ତଙ୍କ ନେତୃତ୍ୱରେ ଏହି ଟିମ୍ ଭାଗ ନେଉଛନ୍ତି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ମହିଳାଙ୍କୁ ଗୁରୁତର ଆକ୍ରମଣ

**ରାଇରଙ୍ଗପୁର, ୧୦।୧୧(ସମିସ):** ଶନିବାର ବିଳମ୍ବିତ ରାତ୍ରିରେ ଟାଉନ ଥାନାଞ୍ଚଳ ଦୁବୁଲାବେଡା ଗାଁରେ ତିନି ଜଣ ନିଶାସକ୍ତ ଯୁବକ କୌଣସି ବିବାଦକୁ ନେଇ ବିଧବା ମହିଳା ଶାନ୍ତି ନାଏକ (୪୦ବର୍ଷ)ଙ୍କୁ ଠେଙ୍ଗା ଓ ବିଧାରେ ନିସ୍ଥୁକ ମାଡ଼ ମାରି ପଳାଇଛନ୍ତି। ପରବର୍ତ୍ତୀ ସମୟରେ ବିଧବା ମହିଳାଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ମହିଳାଙ୍କ ପକ୍ଷରୁ ଥାନାରେ ସୂଚନା ପରେ ଟାଉନ ଥାନା ପୁଲିସ ଘଟଣାକୁ ନେଇ ତଦନ୍ତ କରିଥିବା ସୂଚନା ମିଳିଛି।

## ଅଁଳା ନବମୀରେ ରାଧାପାଦ ଦର୍ଶନ



**ବାରିପଦା, ୧୦।୧୧(ସମିସ):** ପବିତ୍ର ଅଁଳା ନବମୀ ଅବସରରେ ରାଧାପାଦ ଦର୍ଶନ କରିବା ପାଇଁ ବାରିପଦାର ମନ୍ଦିରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। କାର୍ତ୍ତିକ ମାସକୁ ଅଁଳା ନବମୀକୁ ନେଇ ରାଧାମୋହନ ମନ୍ଦିରଠାରେ ରବିବାର ସକାଳେ ଶ୍ରଦ୍ଧାଳୁମାନେ ନିଜର ବ୍ରତ ପାଳନ କରିଛନ୍ତି। ଆଜିର ଦିନରେ ଶ୍ରୀ ରାଧାଙ୍କ ପାଦ ଦର୍ଶନ ଭକ୍ତ ମାନେ କରିଥାନ୍ତି। ଭକ୍ତମାନେ ଆଜି ଉପବାସ ରହି ଅଁଳା ନବମୀରେ ରୀତିନୀତି ଅନୁଯାୟୀ ମନ୍ଦିରରେ ପୂଜା କରିଛନ୍ତି। ଅଁଳା ନବମୀ ପାଇଁ ମନ୍ଦିରରେ ମଧ୍ୟ ସତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇ ପୂଜାର୍ଚ୍ଚନା ହୋଇଛି। ଭକ୍ତମାନେ ରାଧା ପାଦ ଦର୍ଶନ କରି ଆଶିଷ ଲାଭ କରିଛନ୍ତି।

## ତିନିଦିନିଆ ଗୋପାଷ୍ଟମୀ ଉତ୍ସବ ଉଦ୍‌ଯାପିତ



**କରଞ୍ଜିଆ, ୧୦।୧୧(ସମିସ):** କରଞ୍ଜିଆ ସଂକଳ୍ପ ସେବାଟ୍ରଷ୍ଟ ଗୋଶାଳା ପକ୍ଷରୁ ତ୍ରିଦିବସୀୟ ଗୋପାଷ୍ଟମୀ ପାଳନ ଅବସରରେ ଗୋ-ସଚେତନ, ହିନ୍ଦୁ ଜାଗରଣ ଯାତ୍ରା, କଳସ ଯାତ୍ରା, ଗୋ-ପୂଜନ, ଗାୟତ୍ରୀ ଓ ଗୀତା ଯଜ୍ଞ ଆଦି କାର୍ଯ୍ୟକ୍ରମ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରୋଜ କର ସପତ୍ନୀକ ମୁଖ୍ୟକର୍ତ୍ତା ଥିବାବେଳେ ସପତ୍ନୀକ କମଳ ଲୋଚନ ଦାସ, ଭୋଳାନଥ ମହାନ୍ତ ସହଯୋଗ କରିଥିଲେ। ପୂଜକ ଭାବେ ପଣ୍ଡିତ ମନୋଜ ପତି, ପଣ୍ଡିତ ଅଭୟ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା ଓ ପୀତାମ୍ବର ଆଚାର୍ଯ୍ୟ କାର୍ଯ୍ୟ ନିର୍ବାହ କରିଥିଲେ। ସଂକଳ୍ପ ସେବାଟ୍ରଷ୍ଟର ସଭାପତି ଧରଣୀଧର ପ୍ରଧାନ, ସମ୍ପାଦକ ଲୁନା ମିଶ୍ର, କୋଷାଧ୍ୟକ୍ଷ ସୁଧାଂଶୁ ପାତ୍ର, ଅନୁଜ ଶର୍ମା, ମହେଶ ଲାଖଟିଆ, ଚତୁର୍ଭୁଜ ଗ୍ରହଚାର୍ଯ୍ୟ, ଅନୁ ଅଗ୍ରୱାଲା ଓ ସମସ୍ତ ଟ୍ରଷ୍ଟର କର୍ମକର୍ତ୍ତା ପରିଚାଳନା କରିଥିଲେ। ବିଧାୟକ ପଦ୍ମଚରଣ ହାଇବୁରୁ, ଥାନା ଆଇଆଇସି ନିରୋଦ ମଲ୍ଲିକ, କୃପାସିନ୍ଧୁ ମହାନ୍ତ ପ୍ରମୁଖ ଗୋ-ସେବା କରିଥିଲେ। ରାତ୍ରିରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସୋମବାର ଗୋ-ମାତା ବିସର୍ଜନ କାର୍ଯ୍ୟକ୍ରମ ରହିଛି।

## ରାଜ୍ୟସ୍ତରୀୟ ସମାରୋହରେ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ସମ୍ବର୍ଦ୍ଧିତ



**ବେତନଟୀ, ୧୦।୧୧(ସମିସ):** ନିର୍ଭୀକ ସାମ୍ବାଦିକ ତଥା ବେସାଲିସ ରାଜନେତା ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ସମାରୋହରେ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ମାନପତ୍ର ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ, ୨୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସମାରୋହରେ ଅଭ୍ୟର୍ଥନା କମିଟିର ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ପ୍ରଗତିବାଦୀର ପ୍ରତିଷ୍ଠାତା ଅଧକ୍ଷା ଶାଶ୍ୱତୀ ବଳ, କିଟ୍ ଅଧକ୍ଷ ଅଚ୍ୟୁତ ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ହରିଶ୍ଚନ୍ଦ୍ର ୧୯୮୦ରୁ ୪୪ବର୍ଷ ଧରି ଏଯାବତ ଜନସ୍ୱାର୍ଥ ସମ୍ବଳିତ ସମସ୍ୟା ଓ ଅବହେଳା ଅସହାୟ ଲୋକର ସ୍ୱର ଭାବେ ସମଗ୍ର ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ ସାମ୍ବାଦିକତା କରିଆସିଛନ୍ତି। ବରିଷ୍ଠ ସାମ୍ବାଦିକ ବିଜୟ ଅଗ୍ରୱାଲ, ଅରୁଣ ଓତା, ସଞ୍ଜୟ ଅଗ୍ରୱାଲା, ମନୋଜ ପଣ୍ଡା, ନିଳାଦ୍ରୀ ବିହାରୀ ଦଣ୍ଡପାଟ ସମେତ ବେତନଟୀ ସିଭିଲ ସୋସାଇଟିର ସଭାପତି ଚୂଡାମଣି ମହାପାତ୍ର ସାଧାରଣ ସମ୍ପାଦକ ଆଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି

## ମା' କିଚକେଶ୍ୱରୀ ସାହିତ୍ୟ ସମାଜର କବିତା ଆସର



**ଖୁଣ୍ଟ, ୧୦।୧୧(ସମିସ):** ମା' କିଚକେଶ୍ୱରୀ ସାହିତ୍ୟ ସମାଜ, ଶୁକ୍ରଳିର ମାସିକ ବୈଠକ ସହ ଏକ କବିତା ଆସର ମୁନିଶ୍ୱର ପଣ୍ଡିତ ନିରଞ୍ଜନ ମୁନିଙ୍କ ଅଧ୍ୟକ୍ଷତାରେ ଆତ୍ମକଲ୍ୟାଣ ଯୋଗ ଶିକ୍ଷାକେନ୍ଦ୍ର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭଞ୍ଜ ତରଙ୍ଗିଣୀ'ର ଆତ୍ମପ୍ରକାଶ ନିମିତ୍ତ ଆସନ୍ତା ଫେବୃଆରୀ ୫ ତାରିଖକୁ ଦିନ ଧାର୍ଯ୍ୟ କରଯାଇଥିବା ବେଳେ ଆଗ୍ରହୀ ଲେଖକ ଲେଖିକା ରୁଚିପୂର୍ଣ୍ଣ ତଥା ସଂସ୍କୃତିଧର୍ମୀ ଆଲେଖ୍ୟ ଚଳିତମାସ ଶେଷ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି। ସଭାପତି ଉମେଶଚନ୍ଦ୍ର ନାୟକ, ଉପସଭାପତି ବଳଭଦ୍ର ଘଡ଼ାଇ, ସମ୍ପାଦକ ଜିତେନ୍ଦ୍ର ଗିରି, କୋଷାଧ୍ୟକ୍ଷ ପ୍ରମୋଦ ଗିରି, ସଂଯୋଜକ ଜୀବନ ଗିରି, ଅଭ୍ୟର୍ଥନା କମିଟି ସଂଯୋଜିକା ଶକୁନ୍ତଳା ମହାନ୍ତ ଓ ଉପଦେଷ୍ଟା କୋକିଳ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୩୦ ପ୍ରତିଯୋଗୀ

**ବାରିପଦା, ୧୦।୧୧(ସମିସ):** ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଉତ୍କର୍ଷ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ବାରୁଣୀ ରୋଡସ୍ଥିତ ମେଡିସିନ ଓ କେମିଷ୍ଟ ଡ୍ରଗ୍ସ ଆସୋସିଏସନ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍ଥାନର ୧୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଦିନ ଯୋଗ କରିବା ପାଇଁ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଉତ୍କର୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଚିତ୍ରକଳା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିଯୋଗିତାର ଆୟୋଜନ ହୋଇଛି। ପିଲାମାନେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆସନ୍ତା ନଭେମ୍ବର ୧୪ତାରିଖରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଉକ୍ତ ସ୍ଥାନରେ ଆୟୋଜନ କରାଯାଉଛି।

## ଠାକୁରମୁଣ୍ଡା ଲ୍ୟାମ୍ପସର ବାର୍ଷିକ ବୈଠକ



**ଠାକୁରମୁଣ୍ଡା, ୧୦।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଲ୍ୟାମ୍ପସର ବାର୍ଷିକ ସାଧାରଣ ପରିଷଦର ବୈଠକ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାରିପଦାରୁ କୃଷ୍ଣଚନ୍ଦ୍ର ଦାସ ଓ କରଞ୍ଜିଆରୁ ବସନ୍ତ ନାୟକ, ଲ୍ୟାମ୍ପ ସଭାପତି ଗଣନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶିକା ପାର୍ବତୀ ମହାନ୍ତ ପୂର୍ବ ପାଠର ବିବରଣୀ କରିଥିଲେ। ଲ୍ୟାମ୍ପର ସମସ୍ତ ସଦସ୍ୟ ଓ ୧୧ଟି ପଞ୍ଚାୟତର ଚାଷୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୦।୧୧(ସମିସ):** ବାଦାମପାହାଡ଼ ଥାନାଞ୍ଚଳ ଜୟପୁର ଗାଁର ଜାମୁଡିସାହିଠାରେ ଜଣକ ଘର ଭିତରେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ଜାମୁଡିସାହି ଗାଁର ପବନ ସିଂ (୧୯ ବର୍ଷ)। ପୁଲିସ ଶବକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରହିଛି।

## ଗୁହାଳଡାଙ୍ଗରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା

# ଆସୁନାହାନ୍ତି ଡାକ୍ତର, ପ୍ରସୂତି ବିଭାଗରେ ତାଲା







**ରାଇରଙ୍ଗପୁର, ୧୦।୧୧(ସମିସ)**

ଉପାନ୍ତ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତରଖାନାକୁ ଚିକିତ୍ସକ ଆସୁ ନାହାନ୍ତି। ପ୍ରସୂତି ବିଭାଗରେ ତାଲା ପଡ଼ିଛି। ରୋଗୀମାନେ ଡାକ୍ତରଖାନାକୁ ଆସି ଚିକିତ୍ସା ଅଭାବରୁ ଫେରି ଯାଇ ଅନ୍ୟନ୍ତ୍ର ଚିକିତ୍ସିତ ହେଉଛନ୍ତି। ଏପରି ଅବ୍ୟବସ୍ଥା ଘେରରେ ଚାଲିଛି ସୀମାନ୍ତ ଅଞ୍ଚଳରେ ରହିଥିବା ଗୁହାଳଡାଙ୍ଗରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୁହାଳଡାଙ୍ଗରି ପଞ୍ଚାୟତ ଅଞ୍ଚଳ। ପଞ୍ଚାୟତରେ ମୋଟ ୧୩ଟି ୱାର୍ଡ ରହିଛି। ଲୋକସଂଖ୍ୟା ପ୍ରାୟ ତିନି ହଜାର। ସୀମାନ୍ତ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ତତ୍କାଳୀନ ଆଦିବାସୀ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଦ୍ୱାରା ୧୯୯୪ରେ ଗୁହାଳଡାଙ୍ଗରି ଗାଁଠାରେ ୪ ଶଯ୍ୟା ବିଶିଷ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସମୟକ୍ରମେ ସରକାରଙ୍କ ପ୍ରୋତ୍ସାହନ ଅଭାବ ଯୋଗୁଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଧୀରେ ଧୀରେ ଅବହେଳିତ ଅବସ୍ଥାରେ ରହିଲା। ଆର୍ଥିକ ବର୍ଷ ୨୦୧୮-୧୯ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଓମ୍ବାଡ଼ସି ପାଣ୍ଠିରୁ ମୋଟ ପ୍ରାୟ ୩୪ ଲକ୍ଷ ବ୍ୟୟ ଅଟକଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ପାଇଁ ସଭାଗୃହ ନିର୍ମାଣ କରାଯାଇଥିଲା। ସ୍ୱତନ୍ତ୍ର ଓପିଡ଼ି ଗୃହ ନ ଥିବାରୁ ସେହି ସଭାଗୃହକୁ ବର୍ତ୍ତମାନ ଓପିଡି ଭାବରେ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ କ୍ୱାର୍ଟର ଅଭାବ ଯୋଗୁଁ ମହିଳା ଅଟେଣ୍ଡାଣ୍ଟ ପୁରୁଣା ଜରାଜୀର୍ଣ୍ଣ ଘରେ ରହୁଛନ୍ତି। ଶୌଚାଳୟ କ୍ଷତିଗ୍ରସ୍ତ ହୋଇ ହୋଇ ରହିଛି। ଏଲଟି କୋଭିଡ ଚିକିତ୍ସା କେନ୍ଦ୍ର ଗୃହରେ ରହୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର, ଜଣେ ଆୟୁଷ ଡାକ୍ତର ସହିତ ଫାର୍ମାସିଷ୍ଟ, ମହିଳା ଅଟେଣ୍ଡାର ମିଶି ମାତ୍ର ୫ ଜଣ ସ୍ୱାସ୍ଥ୍ୟ କର୍ମୀ ରହିଛନ୍ତି। ଡାକ୍ତରଖାନାରେ ନର୍ସ ନାହାନ୍ତି। କାର୍ଯ୍ୟରତ ଚିକିତ୍ସକ ଦୀର୍ଘ ୨୫ କିଲୋମିଟର ଦୂର ରାଇରଙ୍ଗପୁର ସହରରେ ରହୁଛନ୍ତି। ସେଠାରେ ରହି ମନଇଚ୍ଛା ଭାବରେ ଡ୍ୟୁଟି କରୁଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସରକାର ଗୁହାଳଡାଙ୍ଗରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଦୃଷ୍ଟି ଦେଇ ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ସେମାନଙ୍କ ମତ...



ଏଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ବିଗିଡ଼ି ଯାଇଛି। ଡାକ୍ତର ଠିକ ସମୟରେ ଆସୁନାହାନ୍ତି। ପ୍ରସୂତିଙ୍କୁ ରାଇରଙ୍ଗପୁର ଯିବା ପାଇଁ ପଡୁଛି। ଏହିପରି ଗାଁର ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳି ପାରୁନାହିଁ। ଅନେକ ସମୟ ଡାକ୍ତରଖାନା ବନ୍ଦ ରହିବାରୁ ଦୂରଦୁରାନ୍ତରୁ ଆସୁଥିବା ଲୋକମାନେ ଚିକିତ୍ସା ସୁବିଧା ନ ପାଇବାରୁ ଫେରି ଯାଉଛନ୍ତି।

**- ସୁଜିତ ମୁର୍ମୁ, ସମାଜସେବୀ, ଗୁହାଳଡାଙ୍ଗରି**



ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବ୍ଲକରେ ଆୟୋଜିତ ପଞ୍ଚାୟତସମିତି ବୈଠକରେ ଅନେକ ଥର ଅଭିଯୋଗ କରିଛି। ହେଲେ କେହି ଶୁଣୁ ନାହାନ୍ତି। ଡାକ୍ତର ଅଭାବ ରହିବା ସହ ଚିକିତ୍ସକମାନେ ଅନେକ ସମୟ ଅନୁପସ୍ଥିତ ରହୁଛନ୍ତି। ଯଦ୍ୱାରା ଦୁର୍ଗମ ଅଞ୍ଚଳର ଗରିବ ଆଦିବାସୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

**- ବିଶୁ ମୁଣ୍ଡା, ସରପଞ୍ଚ, ଗୁହାଳଡାଙ୍ଗରୀ ଗ୍ରାମପଞ୍ଚାୟତ**

ଗୁହାଳଡଡାଙ୍ଗରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ରହିଛି। ତେବେ, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁସାରେ ସକାଳ ୮ରୁ ୧୧ଟା ଏବଂ ଅପରାହ୍ଣ ୩ ଟା ସମୟରୁ ୫ଟା ପର୍ଯ୍ୟନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହୁଛି। ଏହି ସମୟ ମଧ୍ୟରେ ଯାହା କିଛି ସମ୍ଭବ ହେଉଛି ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ଏନେଇ ପଦକ୍ଷେପ ନିଆଯିବ।

**- ରବୀନ୍ଦ୍ରନାଥ ମାରାଣ୍ଡି, ଏସଡିଏମଓ, ରାଇରଙ୍ଗପୁର**

